RNI No.ODIODI/2010/33031

୧୭ ବର୍ଷ | Volume-17

ISSUE -189 | ସଂଖ୍ୟା-୧୮୯

ଭୁବନେଶ୍ୱର, ସୋମବାର ୧୨ ଅକ୍ଟୋବର ୨୦୨୬

Bhubaneswar, Monday 12 October, 2026

୦୮ ପୃଷ୍ଠା | Pages-08

ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00

www.odishamanthan.com

MANTHAN

# ମନ୍ଥନ

www.odishamanthan.com | RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ୮.୯୮ କୋଟିର ସୁନା ବିସ୍କୁଟ ଜବତ

ବିଶାଖାପାଟଣା୧୧।୧୦(ନି.ପ୍ର)::
ବିଶାଖାପାଟଣାରୁ ୮.୯୮ କୋଟି ଟଙ୍କା ମୂଲ୍ୟର ସୁନା ବିସ୍କୁଟ ଜବତ କରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ)। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଜାତୀୟ ରାଜପଥରେ ପାଟ୍ରୋଲିଂ ସମୟରେ ଡିଆରଆଇ ଅଧିକାରୀମାନେ ଏହି ସୁନା ଜବତ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୁନା ବିସ୍କୁଟଗୁଡ଼ିକ କୋଲକାତାରୁ ହାଇଦ୍ରାବାଦକୁ ଚାଲାଣ କରାଯାଉଥିଲା। ଏହି ସମୟରେ ବିଶାଖାପାଟଣାରେ ଡିଆରଆଇ ଅଧିକାରୀମାନେ ଗାଡ଼ିକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିର ଏକ ଗୁପ୍ତ ଚାମ୍ବରରୁ ତିନୋଟି ପ୍ୟାକେଟରେ ରଖାଯାଇଥିବା ସୁନା ବିସ୍କୁଟ ମିଳିଥିଲା।ଜବତ ସୁନାର ମୋଟ ଓଜନ ୫୮୩୨.୯୦ ଗ୍ରାମ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୮.୯୮ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇ ଚାଲାଣ ସମ୍ପର୍କରେ ତଦନ୍ତ ଜାରି ରହିଛି। ସୁନା କେଉଁଠାରୁ ଆସିଥିଲା ଏବଂ ଏହାର ଚାଲାଣ ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ନେଇ ତଦନ୍ତ କରାଯାଉଛି।

## ନିଜ ଜିଦ୍‌ରେ ଅଟଳ ସିଜେପି

ନୂଆଦିଲ୍ଲୀ,୧୧।୧୦(ନି.ପ୍ର): କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ, ସହ-ସଂଯୋଜକ ଆଶୁତୋଷ ରାଙ୍କା ଏବଂ ସୌରଭ ଦାସ ମୁକ୍ତି ପରେ କୌଣସି ବଣ୍ଡରେ ସ୍ୱାକ୍ଷର କରିଥିଲେ କି ଯଦି ହଁ, ତେବେ ସେମାନେ କି ପ୍ରକାର ବଣ୍ଡରେ ସାଇନ୍ କରିଥିଲେ କକ୍ରୋଚ୍ ଜନତା ପାର୍ଟି ଏବେ କହିଛି, 'ସିଜେପି ନେତାମାନେ କୌଣସି ବଣ୍ଡରେ ସ୍ୱାକ୍ଷର କରିନାହାଁନ୍ତି,ଯାହା



ଦର୍ଶାଇଉଛି ସେମାନେ ଆଉ ପ୍ରତିବାଦରେ ସାମିଲ ହେବେ ନାହିଁ। ଏହି ବଣ୍ଡରେ ଶାନ୍ତି ଭଙ୍ଗ ନକରିବା କଥା କୁହାଯାଇଛି, ଶାନ୍ତିପୂର୍ଣ୍ଣ ପ୍ରତିବାଦରେ ଅଂଶଗ୍ରହଣ କରିବା ଏକ ସାମ୍ବିଧାନିକ ଅଧିକାର। ଏହାଦ୍ୱାରା ଶାନ୍ତି ଭଙ୍ଗ ହୁଏ ନାହିଁ।ଆଜି ସକାଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର କରିଥିଲା, ଯାହା ପରେ ସିଜେପିର ସୌରଭ ଦାସ, ଅଭିଜିତ୍ ଦୀପକେ ଏବଂ ଆଶୁତୋଷ ରାଙ୍କାଙ୍କୁ ଅଟକରୁ ମୁକ୍ତ କରାଯାଇଥିଲା। ସେମାନେ ଶାନ୍ତିଭଙ୍ଗ କରିବେ ନାହିଁ ବୋଲି କହି କୋର୍ଟରେ ଏକ ବଣ୍ଡରେ ସ୍ୱାକ୍ଷର କରିଥିଲେ। ଏହା ଅନେକ କଳ୍ପନାଜଳ୍ପନା ସୃଷ୍ଟି କରିଛି, ଯେଉଁଥିରେ ଦାବି କରାଯାଇଛି ଯେ ଏହି ବ୍ୟକ୍ତିମାନେ ଆଉ ପ୍ରତିବାଦ କରିପାରିବେ ନାହିଁ କିମ୍ବା ଭବିଷ୍ୟତରେ ପ୍ରଦର୍ଶନ କରିପାରିବେ ନାହିଁ। ତଥାପି, ସିଜେପି ଏବେ ଏହି ଅଭିଯୋଗ ଗୁଡ଼ିକର ଜବାବ ଦେଇଛନ୍ତି। ଏକ୍ସରେ ଏ ସମ୍ପର୍କିତ ପୋଷ୍ଟକୁ ରିପୋଷ୍ଟ କରି, ସିଜେପି ଅସ୍ୱୀକାର କରିଛି। ଉପରେ ଏହି କଥାରୁ ଜଣାପଡୁଛି ଯେ କକ୍ରୋଚ୍ ପାର୍ଟି ପ୍ରତିବାଦ ଜାରି ରଖିବ। ତଥାପି, ସେମାନେ ପ୍ରତିବାଦ ସମୟରେ କୌଣସି ହିଂସା ନ ଘଟେ ତାହା ଧ୍ୟାନ ଦେବେ। କାରଣ ସ୍ୱାକ୍ଷରିତ ବଣ୍ଡରେ ଶାନ୍ତି ବିଭ୍ରାନ୍ତ ନକରିବା କଥା ଉଲ୍ଲେଖ କରାଯାଇଛି।

ଶନିବାର ତାଙ୍କ ଅଟକ ସମ୍ପର୍କରେ ସୌରଭ ଦାସ କେନ୍ଦ୍ର ସରକାରଙ୍କୁ ଦାୟୀ କରି କହିଛନ୍ତି, ସେ କହିଛନ୍ତି 'ଯେତେବେଳେ ଆମକୁ ଅପହରଣ କରାଯାଇଥିଲା, କୌଣସି କାଗଜପତ୍ର କରାଯାଇ ନଥିଲା। ପୋଲିସ ମାଫିଆ ଡନ୍ ପରି ଆସି ଆମକୁ ନେଇଯାଇଥିଲା। ଆମର ଫୋନଗୁଡ଼ିକୁ ବଳପୂର୍ବକ ଜବତ କରାଯାଇଥିଲା। ମହିଳା ପୋଲିସ ଅଧିକାରୀମାନେ ଫୋନଗୁଡ଼ିକ ନେଇଯାଇଥିଲେ। କିନ୍ତୁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ବୋଲି ସୌରଭ ଦାସ କହିଛନ୍ତି। ସେ କହିଛନ୍ତି, ମୋତେ ଆରକେ ପୁରମରେ ରଖାଯାଇଥିଲା, ଆଶୁତୋଷଙ୍କୁ ବଲ୍ଲଭଗଡ଼କୁ ନିଆଯାଇଥିଲା ଏବଂ ଅଭିଜିତଙ୍କୁ ମଧ୍ୟ କୌଣସି ସ୍ଥାନକୁ ନିଆଯାଇଥିଲା। ଯେତେବେଳେ ସେମାନେ ଆମକୁ ନେଇଯାଇଥିଲେ, ଆମେ କହିଥିଲୁ ଯେ ଆମ ଓକିଲଙ୍କ ସହ କଥା ହେବା ଆମର ମୌଳିକ ଅଧିକାର।' କିନ୍ତୁ ଆମକୁ କୁହାଗଲା ଯେ ଅଟକ ସମୟରେ କୌଣସି ଅଧିକାର ନାହିଁ। ଦିଲ୍ଲୀ ପୋଲିସ ପ୍ରତିବାଦକାରୀଙ୍କ ପ୍ରତି ଅତି ନିଷ୍ଠୁର ବ୍ୟବହାର କରିଛି।' ସେ କହିଛନ୍ତି ଏବେ ଆମେ ଚିନ୍ତିତ ଯେ ଆମ ଫୋନ୍ ସହିତ କ'ଣ କରାଯାଇଥାଇପାରେ।

## ଦିଲ୍ଲୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନରେ ନିଆଁ

ନୂଆଦିଲ୍ଲୀ୧୧।୧୦(ନି.ପ୍ର): ରବିବାର ଦିଲ୍ଲୀରୁ ଚେନ୍ନାଇ ଯାଉଥିବା ଏକ ଇଣ୍ଡିଗୋ ବିମାନରେ ନିଆଁ ଲାଗିବା ଆଶଙ୍କାରେ ହାଇଦ୍ରାବାଦରେ ଜରୁରୀକାଳିନ ଅବତରଣ କରାଯାଇଛି । ବିମାନର ଓଭରହେଡ୍ ବିନରେ ଗଚ୍ଛିତ ଥିବା ଯାତ୍ରୀଙ୍କ ବ୍ୟକ୍ତିଗତ ଇଲେକ୍ଟ୍ରୋନିକ୍ ଉପକରଣରୁ ଧୂଆଁ ବାହାରୁଥିବା ଜଣାପଡିଛି । ଏହା ପରେ ବିମାନଟି ଏକ ସୁରକ୍ଷିତ ଅବତରଣ କରିଛି । ଇଣ୍ଡିଗୋ ଅନୁଯାୟୀ, ୬ଇ ୬୧୧୫ ନମ୍ବର ବିମାନ ୧୧ ଅକ୍ଟୋବର ୨୦୨୬ ରବିବାର ଦିନ ଚେନ୍ନାଇ ଅଭିମୁଖେ ଯାତ୍ରା କରିଥିଲା ।ଉଡ଼ାଣ ସମୟରେ କ୍ୟାବିନରେ ଜଣେ ଯାତ୍ରୀଙ୍କ ବ୍ୟକ୍ତିଗତ ବୈଦ୍ୟୁତିକ ଉପକରଣରୁ ଧୂଆଁ ଚିହ୍ନଟ ହୋଇଥିଲା । ଇଣ୍ଡିଗୋ ଏହାର ବିବୃତ୍ତିରେ କହିଛି ଯେ କ୍ୟାବିନ କର୍ମଚାରୀ ମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ସ୍ଥାପିତ ନିରାପତ୍ତା ପ୍ରଣାଳୀ ଅନୁଯାୟୀ ପାଇଲଟ ମାନେ ବିମାନକୁ ହାଇଦ୍ରାବାଦକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲେ । ଏହା ପରେ ବିମାନଟି ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରିଥିଲା । ନିର୍ଦ୍ଦିଷ୍ଟ ସୁରକ୍ଷା ପ୍ରୋଟୋକଲ ପରେ କର୍ମଚାରୀ ମାନେ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ବୋଲି ଏୟାରଲାଇନ୍ସ କହିଛି । ଏହା ପୂର୍ବରୁ ବିହାରର ରାଜଧାନୀ ପାଟନା ଠାରୁ ଲକ୍ଷ୍ନୌକୁ ଆସୁଥିବା ଇଣ୍ଡିଗୋ ବିମାନ ବଜ୍ରପାତରେ ଆକ୍ରାନ୍ତ ହୋଇଥିଲା, ଏହି କାରଣରୁ ବିମାନର ଆଗ ଭାଗ ଯଥା ନେକ୍ ନଷ୍ଟ ହୋଇଯାଇଥିଲା।

## ପୋଲିସକୁ ସୁପ୍ରିମକୋର୍ଟଙ୍କ ବଡ ଆଦେଶ

ନୂଆଦିଲ୍ଲୀ, ୧୧।୧୦(ନି.ପ୍ର): କକରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଶନିବାର ରାଜଧାନୀ ଦିଲ୍ଲୀରେ ବଡ ଧରଣର ଆନ୍ଦୋଳନ ହୋଇଛି। ପ୍ରଦର୍ଶନକୁ ରୋକିବା ପାଇଁ ଦିଲ୍ଲୀରେ ମେଟ୍ରୋ ଷ୍ଟେସନ ବନ୍ଦ, ଟ୍ରେନ ବନ୍ଦ, ଇଣ୍ଟରନେଟ୍ ସେବା କଟକଣା କରାଯିବା ପ୍ରତିବାଦରେ ସୁପ୍ରିମକୋର୍ଟରେ ଦାଖଲ ଆବେଦନ ଉପରେ ଶୁଣାଣି ସମୟରେ ଅଦାଲତ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୋଲିସ ଦିଲ୍ଲୀରେ ଲୋକଙ୍କ ଯାତାୟାତକୁ ଏମିତି ରୋକି ପାରିବ ନାହିଁ। ଦିଲ୍ଲୀରେ ଏମିତି ବ୍ୟାରିକେଡିଂ କରାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି।



ପୂରା ସହରରୁ ବ୍ୟାରିକେଡିଂ ହଟାଇବାକୁ ଦିଲ୍ଲୀ ପୋଲିସକୁ ଆଦେଶ ଦେବା ସହ ଏହାର ସମୀକ୍ଷା କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସର୍ବୋଚ୍ଚ ନ୍ୟାୟାଳୟ ଅନ୍ତରୀଣ ଆଦେଶ ଜାରି କହିଛନ୍ତି, ଯେ ପର୍ଯ୍ୟନ୍ତ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ନେଇ ବଡ ଚ୍ୟାଲେଞ୍ଜ ସୃଷ୍ଟି ନ ହୋଇଛି, ସେ ପର୍ଯ୍ୟନ୍ତ ମେଟ୍ରୋ ଚଳାଚଳ ସ୍ୱାଭାବିକ ରହିବା ଦରକାର। ଇଣ୍ଟରନେଟ୍ ସେବା ତୁରନ୍ତ ଚାଲୁ କରିବା ଏବଂ ଓକିଲଙ୍କୁ ସେମାନଙ୍କ କାମରେ ରୋକା ଯାଇ ପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଶବ୍ଦରେ ଦିଲ୍ଲୀ ପୋଲିସକୁ କହିଛନ୍ତି। ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଫାଇଲ୍ କରାଯାଇ ଜନପଥ ଏବଂ କର୍ତ୍ତବ୍ୟ ପଥର ଆଖପାଖ ଅଞ୍ଚଳରେ ମୋବାଇଲ ଇଣ୍ଟରନେଟ୍ ବନ୍ଦ କରାଯିବାର ବିଚାର ବିଭାଗୀୟ ସମୀକ୍ଷା କରାଯିବା ଉଚିତ୍ ବୋଲି କୁହାଯାଇଛି।

ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସ କମିଶନରଙ୍କୁ ଅବମାନନା ମାମଲାରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ପ୍ରଶାସନକୁ ଦର୍ଶାଇବାକୁ ପଡିବ ଯେ, ସେମାନଙ୍କ ବିରୋଧରେ କାହିଁକି ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ମଙ୍ଗଳବାର ସୁଦ୍ଧା ଏହାର ଉତ୍ତର ଦେବାକୁ ଉଚ୍ଚତମ ନ୍ୟାୟାଳୟ ଆଦେଶ ଦେଇଛନ୍ତି। ଏହା ପୂର୍ବରୁ ଶୁକ୍ରବାର ସୁପ୍ରିମକୋର୍ଟ ସ୍ପଷ୍ଟ ଶବ୍ଦରେ କହିଥିଲେ ଯେ, ମେଟ୍ରୋ ଷ୍ଟେସନ ଏବଂ ସାର୍ବଜନୀନ ପରିବହନ ସେବାକୁ ବନ୍ଦ କରାଯାଇ ପାରିବ ନାହିଁ। କିନ୍ତୁ ଶନିବାର ଦିଲ୍ଲୀରେ ୫୭ ମେଟ୍ରୋ ଷ୍ଟେସନ ବନ୍ଦ ରଖାଯିବା ସହ ଇଣ୍ଟରନେଟ୍ ସେବା ଉପରେ ମଧ୍ୟ କଟକଣା ଲଗାଯାଇଥିଲା। ସାମ୍ବାଦିକ, ଓକିଲ ଏବଂ ନେତାଙ୍କ ଅଟକକୁ ନେଇ ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ବଡ ଆଦେଶ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ଶାନ୍ତିପୂର୍ବକ ପ୍ରଦର୍ଶନ ସମୟରେ କାହାରିକୁ ମଧ୍ୟ ବେଆଇନ ଭାବେ ଅଟକ ରଖି ପାରିବେ ନାହିଁ। ସୂଚନାଯୋଗ୍ୟ, ଶନିବାର ବିରୋଧ ପ୍ରଦର୍ଶନ ସମୟରେ ଆଇନଜୀବୀଙ୍କୁ ମଧ୍ୟ ଘୋଷାଡି, ଟାଣି ଟାଣି ବସରେ ଭର୍ତ୍ତି କରାଯାଇଥିଲା। ସାମ୍ବାଦିକମାନଙ୍କୁ ମଧ୍ୟ ଅଟକ ରଖିଥିଲା ପୋଲିସ।

# ନେପାଳର ଆକସ୍ମିକ ବନ୍ୟା, ବ୍ୟାପକ କ୍ଷୟକ୍ଷତି

## ୩୫ ଘର ଭାସିଗଲା; ଅନେକ ସେତୁ ଧ୍ୱଂସ

କାଠମାଣ୍ଡୁ, ୧୧।୧୦(ନି.ପ୍ର.):ରବିବାର ସକାଳେ ନେପାଳର ଗୋର୍ଖା ଜିଲ୍ଲାର ଚୁମନୁବ୍ରି ଗ୍ରାମରେ ଏକ ଆକସ୍ମିକ ବନ୍ୟା ଆସିଛି। ବୁଢ଼ୀଗଣ୍ଡକୀ ନଦୀରେ ଆସିଥିବା ବନ୍ୟା ଯୋଗୁଁ ପୈୟୁ ଏବଂ ବଗର ଗାଁର ୩୫ଟି ଘର ଭାସି ଯାଇଛି। ବନ୍ୟାରେ ଅନେକ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ଅନେକ ମୋଟର ବ୍ରିଜ୍ ଏବଂ ସୁଇଙ୍ଗ୍ ବ୍ରିଜ୍ (ଝୁଲା ପୋଲ) ମଧ୍ୟ ନଦୀର ପ୍ରଖର ସ୍ରୋତରେ ଭାସିଯାଇଛି। ଏପରି ସ୍ଥିତିରେ ନଦୀ ତଳିଆ ତଟବର୍ତୀ ଅଂଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ଏବଂ ସୁରକ୍ଷିତ ସ୍ଥାନକୁ ଯିବାକୁ ପ୍ରଶାସନ ନିବେଦନ କରିଛି। ଗୋର୍ଖା ମୁଖ୍ୟ ଜିଲ୍ଲା ଅଧିକାରୀ ଧିରେନ୍ଦ୍ର କୁମାର ମିଶ୍ର କହିଛନ୍ତି ଯେ, ରବିବାର ଭୋର୍ ୪ଟା ୩୫ ମିନିଟରେ ବଡ଼ ଧରଣର ବନ୍ୟା ଆସୁଥିବା ନେଇ ସୂଚନା ମିଳିଥିଲା । ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ନେପାଳୀ ସେନାର ଏକ ହେଲିକପ୍ଟର ପଠାଇବା ପାଇଁ ପ୍ରସ୍ତୁତି କରାଯାଉଛି।

ଚୁମନୁବ୍ରି ଗାଉଁପାଳିକାର ଅଧ୍ୟକ୍ଷ ନିମା ଲାମାଙ୍କ କହିବା ଅନୁଯାୟୀ, ଗାଉଁପାଳିକାର ଚୁମକେ ଖୋଲା ଠାରେ ଭୂସ୍ଖଳନ ଯୋଗୁଁ ନଦୀର ପ୍ରବାହ ବାଧାପ୍ରାପ୍ତ ହୋଇଥିଲା। ଏହାପରେ ହଠାତ୍ ବର୍ଷା ହୋଇଥିଲା। ବନ୍ୟାର ପୂର୍ବାନୁମାନ ମହାଶାଖା ଲୋକଙ୍କୁ ସତର୍କ କରିବା ପାଇଁ ଏସ୍. ଏମ୍. ଏସ୍. ଆଲର୍ଟ ଜାରି କରିଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ମଧ୍ୟ ନଦୀ କୂଳରେ ରହୁଥିବା ଲୋକଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି।

ଚୁମନୁବ୍ରି ଗାଉଁପାଳିକାର ଉପାଧ୍ୟକ୍ଷା ଲକ୍ଷ୍ମୀ ଗୁରୁଙ୍ଗଙ୍କ କହିବା ଅନୁଯାୟୀ, ଏହି ବନ୍ୟାରେ ଦୋଭାନ, ଘାଟେଖୋଲା, ଜଗତ ଏବଂ ସଲ୍ଲେରୀ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଆରୁଘାଟ



ଗାଉଁପାଳିକାର ସୋତି ଏବଂ ମାନବୁକୁ ସଂଯୋଗ କରୁଥିବା ମୋଟର ସେତୁ ବନ୍ୟାରେ ଧୋଇଯାଇଥିଲା। ପୋଲିସର କହିବା ଅନୁଯାୟୀ, ଚୁମନୁବ୍ରି ଗାଉଁପାଳିକାର ନ୍ୟାକଚେତ ଠାରେ ନ୍ୟାକଚେତ ଏବଂ ସିର୍ଦିବାସକୁ ସଂଯୋଗ କରୁଥିବା ପୁରୁଣା ଝୁଲା ପୋଲ ମଧ୍ୟ ଭାସିଯାଇଛି।

ନେପାଳର ଗୋର୍ଖା ଜିଲ୍ଲାରେ ବ୍ୟାପକ ବନ୍ୟା ପଛରେ ମାନାସ୍ଲୁ ହିମାଳୟ ଅଂଚଳରେ ତୁଷାରପାତ ହେବାର ଆଶଙ୍କା କରାଯାଉଛି। ତେବେ ଏହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ସୂଚନା ଦେଇଛନ୍ତି ଯେ, ଜଣେ ସ୍ଥାନୀୟ ବ୍ୟକ୍ତି ତୁଷାରପାତ ପରେ ବନ୍ୟା ଆସିଥିବା ନେଇ ସୂଚନା ଦେଇଛନ୍ତି, କିନ୍ତୁ ଏହାର ତଦନ୍ତ କରାଯାଉଛି।କର୍ତୃପକ୍ଷଙ୍କ କାର୍ଯ୍ୟନିର୍ବାହୀ ମୁଖ୍ୟ ଡଃ. ଧର୍ମରାଜ ଉପ୍ରେତିଙ୍କ ଅନୁଯାୟୀ, ଚୁମନୁବ୍ରୀ ଗ୍ରାମୀଣ ପୌରପାଳିକାର ଉତର ଅଂଚଳରୁ ବନ୍ୟା ଆସିଛି ବୋଲି ଜଣାପଡିଛି। ମାନଚିତ୍ରର ଏକ ଅଧ୍ୟୟନ ଏହି ଅଂଚଳକୁ ମାନାସ୍ଲୁ ଅଂଚଳର ବୋଲି ଦର୍ଶାଉଛି । 'ଲୋକପା ଏବଂ ଚୁମଲିଣ୍ଡ ଉତର ଭାଗରୁ ବନ୍ୟା ଆସିଛି। ମାନଚିତ୍ରରେ ଦେଖିଲେ ଏହା ନିମ୍ନ ମାନାସ୍ଲୁ ଅବବାହିକା ଅଂଚଳ ଭଳି ଦେଖାଯାଏ। ଏହି ଅଂଚଳ ମାନାସ୍ଲୁ ହିମାଳୟ ସହିତ ଜଡ଼ିତ। ଏହି ଜଳ ତୋମଖୋଲା, ଶ୍ୟାମଖୋଲା ଏବଂ ଚୁଲିଣ୍ଡଖୋଲା ଦେଇ ତଳକୁ ଆସିଥାଏ ।

ଡଃ. ଉପ୍ରେତିଙ୍କ କହିବା ଅନୁଯାୟୀ, ବନ୍ୟାରେ ସିର୍ଦିବାସ, ଜଗତ, ୟାରୁ, ତାତୋପାନି, ମାଠିଖୋଲା, ସୋତି ଏବଂ ଆରୁଖେତ୍ ଦେଇ ଆରୁଘାଟ ପର୍ଯ୍ୟନ୍ତ ଭୌତିକ କ୍ଷୟକ୍ଷତି ହୋଇଛି। ସେ ସୂଚନା ଦେଇଛନ୍ତି ଯେ, ଆରୁଘାଟରେ ବହୁତ କ୍ଷତି ହୋଇଛି ଏବଂ ସେଠାକାର ସେତୁ ମଧ୍ୟ ବନ୍ୟାରେ ଧୋଇ ହୋଇଯାଇଛି। ବନ୍ୟାରେ ଜଳବିଦ୍ୟୁତ ପ୍ରକଳ୍ପର ଭିତିଭୂମି ଏବଂ ଏହି ଅଂଚଳରେ ନିର୍ମିତ ଅଟ୍ଟାଳିକା ମଧ୍ୟ ବନ୍ୟାର ପ୍ରଖର ସ୍ରୋତରେ ଧୋଇ ହୋଇଯାଇଛି। ତେବେ ବନ୍ୟାରେ ଏପର୍ଯ୍ୟନ୍ତ କେହି ମୃତାହତ ହୋଇନଥିବା ସୂଚନା ମିଳିଛି।

କର୍ତୃପକ୍ଷଙ୍କ କାର୍ଯ୍ୟନିର୍ବାହୀ ମୁଖ୍ୟ ସ୍ପଷ୍ଟ କରିଛନ୍ତି ଯେ, ତୁଷାରପାତକୁ ବନ୍ୟାର କାରଣ ବିବେଚନା କରିବା ବର୍ତମାନ କେବଳ ଏକ ପ୍ରାଥମିକ ଆକଳନ । ସେ କହିଛନ୍ତି ଯେ, ଲୋକପାରେ ଯୋଗାଯୋଗରେ ଆସିଥିବା ଜଣେ ସ୍ଥାନୀୟ ବ୍ୟକ୍ତି ନିଜ ଆଖିରେ ତୁଷାରପାତ ଦେଖିଥିବା ଦାବି କରିଛନ୍ତି। ସ୍ଥାନୀୟ ବ୍ୟକ୍ତିଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଆଶଙ୍କା କରାଯାଉଛି ଯେ, ତୁଷାରପାତର ଭଗ୍ନାବଶେଷ ତଳକୁ ଖସି ଆସିଥିଲା ଏବଂ ରାସ୍ତାରେ ଅନେକ ସ୍ଥାନରେ ପାଣି କିମ୍ବା ଭଗ୍ନାବଶେଷ ଜମିବା ଏବଂ ତା 'ପରେ ପ୍ରବାହିତ ପ୍ରକ୍ରିୟା ବନ୍ୟା ସୃଷ୍ଟି କରିଥାଇପାରେ। ଡଃ. ଉପ୍ରେତି କହିଛନ୍ତି ଯେ, ଏହି ସମ୍ଭାବନାକୁ ଅନୁସନ୍ଧାନ କରାଯାଉଛି ଏବଂ ଏପର୍ଯ୍ୟନ୍ତ ଏକ ଚୂଡ଼ାନ୍ତ ସିଦ୍ଧାନ୍ତ ଭାବରେ ବିବେଚନା କରାଯାଇପାରିବ ନାହିଁ।

## ନବରାତ୍ରର ପ୍ରଥମ ଦିନ

ପୁରୀ, ୧୧।୧୦(ନି.ପ୍ର.):: ଆଜି ଠାରୁ ବିଭିନ୍ନ ଶକ୍ତିପୀଠରେ ଆରମ୍ଭ ହୋଇଛି ମା ଙ୍କ ନବରାତ୍ରୀ ପୂଜା । ଏହି ଅବସରରେ ମା ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି । ଚଳଚଂଚଳ ହୋଇଉଠିଛି ବିଭିନ୍ନ ଶକ୍ତିପୀଠ । ଘଂଟଘଂଟା, ମନ୍ତ୍ର ପାଠ ଏବଂ ପୂଜାର୍ଚ୍ଚନାରେ ଗୁଞ୍ଜରିତ ହେଉଛି ଶକ୍ତିପୀଠର ପରିବେଶ । ମା ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବିଭିନ୍ନ ଶକ୍ତିପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ନବ ଦିନ ବ୍ୟାପୀ ବିଭିନ୍ନ ରୀତିନୀତି ଅନୁସାରେ ମା ଙ୍କ ପୂଜା କରାଯିବ । ଏବଂ ମା ଙ୍କ ପୀଠରେ ନବ ଦିନ ବ୍ୟାପୀ ଜଳିବ ଅଖଣ୍ଡ ଦୀପ ।

ଏହି ଅବସରରେ ପୁରୀ ଜିଲ୍ଲାର କାକଟପୁରର ଆରାଧ୍ୟ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଶ୍ରଦ୍ଧାଳୁମାନେ ପୀଠକୁ ଆସି ମା ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରୁଛନ୍ତି । ନବରାତ୍ରରେ ମାଙ୍କ ନାଲିକଲି ବେଶ, କଳାକଲି ବେଶ, ସିଂହବାହିନୀ, ମହିଷାମର୍ଦ୍ଦିନୀ, ଶାନ୍ତି ବେଶରେ ଦର୍ଶନ ଦେବେ ମା । ବିଜୟା ଦଶମୀରେ ମା ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ।

ନବରାତ୍ରର ପ୍ରଥମ ଦିନରେ ଆଜି ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁମାନେ ମା' ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି । ଆଜି ସକାଳୁ ମା' ଙ୍କ ପାଦ ଦର୍ଶନ ପରେ ଅନ୍ୟାନ୍ୟ ନୀତିକାନ୍ତି ଜାରି ରହିଛି । ବର୍ଷକରେ ୯ ଦିନ କେବଳ ନବରାତ୍ରୀ ସମୟରେ ଭକ୍ତମାନେ ମା' ବିରଜାଙ୍କ ପାଦ ଦର୍ଶନର ସୁଯୋଗ ପାଇଥାନ୍ତି । ଏହା ସହିତ ଆଜି ସନ୍ଧ୍ୟା ଠାରୁ ମା' ଙ୍କ ବିଜେ ପ୍ରତିମା ନବ ଦିନ ବ୍ୟାପୀ ପ୍ରତ୍ୟେହ ସନ୍ଧ୍ୟା ସମୟରେ ରଥାରୁଢ଼ ହୋଇ ମନ୍ଦିର ଚର୍ତୁପାର୍ଶ୍ୱ ପରିକ୍ରମା କରିବେ । ନବମ ଦିନ ମା ରଥରୁ ଓହ୍ଲାଇ ନିକଟସ୍ଥ ଲାଖବିନ୍ଧା ପଡିଆକୁ ଯାଇଥାନ୍ତି, ସେଠାରେ ମହିଷା ନିଧନର ପର୍ବ ପାଳନ କରାଯାଇଥାଏ । ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ଭିତରେ ଓ ବାହାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଏହି ଅବସରରେ ମା ଙ୍କ ପୀଠରେ ୯ ଦିନ ଧରି ଜଳିବ ଅଖଣ୍ଡ ଦୀପ । ଏଥି ସହିତ ନବରାତ୍ର ଉପଲକ୍ଷେ ମା' ଙ୍କ ଶୋଡ଼ଷ ଉପଚାର ପୂଜା ଅନୁଷ୍ଠିତ ହେଉଛି ।

# ଭୋଜି ଭାତର ଆସର, ସରଗରମ କ୍ୟାମ୍ପସ ପଲିଟିକ୍ସ

ଭୁବନେଶ୍ୱର,୧୧।୧୦(ନି.ପ୍ର.)::: ଜମୁଛି ପ୍ରଚାର। ସରଗରମ କ୍ୟାମ୍ପସ ପଲିଟିକ୍ସ। ରବିବାର ଛୁଟି ଦିନରେ ବି ଜମିଲା ପ୍ରଚାର। ଭୋଟରଙ୍କୁ ଆମିଷ ଭୋଜି ଦେଇ ଆପ୍ୟାୟିତ କଲେ ଛାତ୍ର ନେତା। ହଷ୍ଟେଲ କ୍ୟାମ୍ପେନ ବେଳେ ବାଣୀବିହାରରେ ସୃଷ୍ଟି ହେଲା ମୁହା ମୁହିଁ ପରିସ୍ଥିତି। ହାତରେ ଆଉ କମ ସମୟ ଥିବାରୁ ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାରକୁ ଜୋରଦାର କରିଛନ୍ତି ପ୍ରାର୍ଥୀମାନେ । ଛାତ୍ର ସଂସଦ ନିର୍ବାଚନୀ ମାହୋଲକୁ ନେଇ ଦେଖନ୍ତୁ ଏହି ରିପୋର୍ଟ ।

ରବିବାର ଦିନ କ୍ୟାମ୍ପସ ଛନଛନ। ମିଳୁଛି ବିରିୟାନି, ଜମୁଛି କ୍ୟାମ୍ପେନିଂ। ଅଳପ ଦିନରେ ବୈତରଣୀ ପାର୍ କରିବାକୁ ଚାଲିଛି ହେଭି କମ୍ପିଟିସନ। ସରଗରମ ହୋଇଛି କ୍ୟାମ୍ପସ ପଲିଟିକ୍ସ । ହାତରେ ଆଉ କମ ସମୟ। ଦିନ ରାତି ଏକ କରି ପ୍ରଚାର ଚଳାଇଛନ୍ତି ପ୍ରାର୍ଥୀ। ରବିବାରରେ ବି କମ୍ପିଛି କ୍ୟାମ୍ପସ । ସକାଳେ ହଷ୍ଟେଲ, ଡୋର ଟୁ ଡୋର ପ୍ରଚାର। ମଧ୍ୟାହ୍ନରେ ଜମିଲା ଭୋଜି।

ବିଶେଷ କରି ଆମିଷ ବାରି ଥିବାରୁ ବିଭିନ୍ନ ସ୍ଥାନରେ ମାଛ, ଚିଙ୍ଗୁଡି, ବିରିଆନି ଖଅଙ୍ଗା ମାଛ ଆସର ଜମିଥିଲା। କ୍ୟାମ୍ପସରେ




ଛାଇ ଯାଇଛି ପୋଷ୍ଟର ବ୍ୟାନର। ମୁଖ୍ୟ ଫାଟକ ଠାରୁ ଆରମ୍ଭ କରି ହଷ୍ଟେଲ, ସବୁଠି ଛାତ୍ର ନେତାଙ୍କ ହାତ ଯୋଡା ମୁଦ୍ରିତ ଫଟୋ ଲଗିଛି। ଦେଖିଲେ ଲାଗୁଛି ଯେମିତି ଚାଲିଛି ପୋଷ୍ଟରର ପ୍ରତିଯୋଗିତା ।୧୫ ତାରିଖରେ ହେବ ନିର୍ବାଚନ। ହାତରେ ଆଉମାତ୍ର ୪ ଦିନ। ଏବେ ସୋସିଆଲ ମିଡିଆ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି ପ୍ରାର୍ଥୀ । ତେଣୁ କଲେଜ ଇଲେକ୍ସନରେ ଦେଖାଦେଇଛି ରିଲ୍ସର ଜଲୱା। ସୋସିଆଲ ମିଡିଆରେ ଚାଲିଛି ଲାଇକ୍ ସେୟାରିଂର କମ୍ପିଟିସନ। ତେଣୁ ପ୍ରାର୍ଥୀ ରିଅଲ ନିର୍ବାଚନ ଲଢ଼ିବା ପୂର୍ବରୁ ରିଲ୍ ଦୁନିଆରେ ନିଜର ଦମ୍ ଦେଖାଇବାକୁ ଚାହିଁଛନ୍ତି। ଏପରିକି ସୋସିଆଲ ମିଡିଆରେ ଟ୍ରୋଲିଂକୁ ନେଇ ମଧ୍ୟ ମୁହଁ ମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ଯାହାକି ବାଣୀ ବିହାରରେ ଦେଖିବାକୁ ମିଳିଥିଲା। ଧିରେ ଧିରେ କ୍ୟାମ୍ପସ ଅଶାନ୍ତ ହେବାରେ ଲାଗିଲାଣି। ମୁହାଁମୁହିଁ ହୋଇଛନ୍ତି ଛାତ୍ରନେତା ଏବଂ ସେମାନଙ୍କର ସମର୍ଥକ। ତେଣୁ କ୍ୟାମ୍ପସ ଉପରେ ପୋଲିସ କଡ଼ା ନଜର ରଖିଛି। ଏପରିକି କଲେଜ ଏବେ ସିସିଟିଭି ନଜରରେ ରହୁଛି।

## ଗୋଟିଏ ଦିନରେ ସର୍ବାଧିକ କୋଇଲା ଲୋଡିଂ କରି ନୂତନ ରେକର୍ଡ ସୃଷ୍ଟିକଲା ପାରାଦ୍ୱୀପ ବନ୍ଦର

ପାରାଦୀପ,୧୧।୧୦(ନି.ପ୍ର.): ପାରାଦୀପ ବନ୍ଦର ପ୍ରାଧିକରଣ ଅଧୀନସ୍ଥ ମେକାନାଇଜଡ଼ କୋଲ୍ ହ୍ୟାଣ୍ଡଲିଂ ପ୍ଲାଣ୍ଟ (ଏମସିଏଚପି) ରେ ଗତ ଶନିବାର ଦିନ ଗୋଟିଏ ଦିନରେ ସର୍ବାଧିକ ୧,୪୦,୦୨୨ ମେଟ୍ରିକ୍ ଟନ୍ କୋଇଲା ଲୋଡ଼ିଂ କରି ନୂତନ ରେକର୍ଡ ସ୍ଥାପନ କରିଛି। ଏମ.ଭି.ଏପିଜେ ଇନ୍ଦ୍ରାଣୀ ଏବଂ ଏମ.ଭି.ରିପ୍ଲେ ପିନାକ୍ଲ ନାମକ ଦୁଇଟି ଜାହାଜରେ ଏହି କୋଇଲା ଲୋଡିଂ କରାଯାଇଛି।




ଏହି ସଫଳତା ଗତ ୨୦୨୨ ମସିହା ମେ ୨୯ରେ ଏମ.ଭି. ଅରେଥୋଉସା ଏବଂ ଏମ.ଭି.ଆଇଏସଏଲ ଷ୍ଟାର ଜାହାଜରେ ହାସଲ ହୋଇଥିବା ୧,୩୭,୫୦୦ ମେଟ୍ରିକ୍ ଟନ୍ ?ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ନୂତନ ରେକର୍ଡ ପୂର୍ବ ରେକର୍ଡଠାରୁ ୨,୫୨୨ ମେଟ୍ରିକ୍ ଟନ୍ ଅଧିକ, ଯାହା ବନ୍ଦରର ପଣ୍ୟ ପରିଚାଳନା ଦକ୍ଷତା ଓ କାର୍ଯ୍ୟକ୍ଷମତାରେ ଉନ୍ନତିକୁ ପ୍ରତିଫଳିତ କରୁଛି।

ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଏମସିଏଚପି ସହ ସମ୍ପୃକ୍ତ ସମସ୍ତ ଶ୍ରମିକ, ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ସେମାନଙ୍କର ନିଷ୍ଠା, ସମନ୍ୱିତ ପ୍ରୟାସ ଓ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହି ସଫଳତାକୁ ବନ୍ଦର କର୍ମଚାରୀଙ୍କ ସାମୂହିକ ଉଦ୍ୟମର ଫଳ ବୋଲି ଅଭିହିତ କରିଛନ୍ତି।

ଏହି ମାଇଲଖୁଣ୍ଟ ପାରାଦୀପ ବନ୍ଦରର ଦକ୍ଷ ପଣ୍ୟ ପରିଚାଳନା, ଜାହାଜ ପରିଚାଳନାରେ ସମନ୍ୱୟ ଏବଂ ଉପଲବ୍ଧ ଭିତିଭୂମିର ଉତ୍ତମ ଉପଯୋଗକୁ ପ୍ରମାଣିତ କରୁଛି। ଏଥିସହିତ ଦେଶର ବାଣିଜ୍ୟ ଓ ଲଜିଷ୍ଟିକ୍ସ କ୍ଷେତ୍ରକୁ ସମର୍ଥନ ଯୋଗାଇବା ସହ ଭାରତର ପୂର୍ବ ଉପକୂଳରେ ଏକ ପ୍ରମୁଖ ନୌବାଣିଜ୍ୟିକ କେନ୍ଦ୍ର ଭାବେ ପାରାଦୀପ ବନ୍ଦରର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି।

## ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଜମିକୁ ନେଇ ଭୁଆଁ ବୁଲାଉଛନ୍ତି ଉପମୁଖ୍ୟମନ୍ତ୍ରୀ-ନରସିଂହ

### ସରକାର ରେ ଅଛନ୍ତି ଜମି ଫେରାଇବାର ବ୍ୟବସ୍ଥା କରାଯାଉ, ନଚେତ ଇସ୍ତଫା ଦିଅନ୍ତୁ

ବଲାଙ୍ଗିର, ୧୧।୧୦(ନି.ପ୍ର.): ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ରାଜ୍ୟ ର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ର ଜମିକୁ ନେଇ ନିଜ ଭାଷଣରେ ମନ୍ତବ୍ୟ ଦେଇଥିଲେ ଯେ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓ ରାଜେନ୍ଦ୍ର କଲେଜକୁ ୮୨ ବର୍ଷ ତଳେ ୨୦୦ ଏକର ଜମି ପ୍ରଦାନ କରିଥିଲେ । ତା ସହ ସେ ଏହା ମଧ୍ୟ କହିଥିଲେ ଯେ ଏହି ୨୦୦ ଏକଡରୁ ବ□ମାନ ମାତ୍ର ୫୬ ଏକର ଜମି ଶିକ୍ଷାନୁଷ୍ଠାନ ନାଁ ରେ ଅଛି କିନ୍ତୁ ଦୁଃଖର ବିଷୟ ସେ ଜାଣିବା ଦରକାର ଯେ ଏହି ଜିଲ୍ଲାରୁ ଶ୍ରୀ ସିଂଦେଓ ଦିର୍ଘ ବର୍ଷ ହେବ ପ୍ରତିନିଧିତ୍ୱ କରୁଛନ୍ତି ।

ବିଭିନ୍ନ ସମୟରେ ବିଧାୟକ, ମନ୍ତ୍ରୀ ରହିଛନ୍ତି ଏବଂ ବ□ମାନ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଯଦି ପ୍ରକୃତ ରେ ଜମି ହଡପ ହୋଇଛି ତେବେ ସେ ନିଜେ କାହିଁକି ତାର ତଦନ୍ତ କରି ସେ ଜମିକୁ ଫେରାଇ ପାରୁ ନାହାନ୍ତି ବୋଲି ପୂର୍ବତନ



ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃ□ ମାଧ୍ୟମରେ ପ୍ରଶ୍ନ କରିଛନ୍ତି । ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ପ୍ରକୃତ ରେ ଶିକ୍ଷାନୁଷ୍ଠାନକୁ ୨୦୦ ଏକର ଜମି ଦିଆଯାଇଛି, ତାହାର କିଛି ପ୍ରମାଣ ଅଛି କି, ଯଦି ତାର କିଛି ଦଲିଲ ଅଛି ବଲାଙ୍ଗିର ଜିଲ୍ଲା ଛାତ୍ର ସମାଜର ବୃହ□ର ସ୍ୱାର୍ଥ ଦୃଷ୍ଟିରୁ ସେହି ଦଲିଲ କୁ ସର୍ବସାଧାରଣ କରନ୍ତୁ । ଯଦି ନାହିଁ ତେବେ କେଉଁଠି ଅଛି ତାର ଅନୁସନ୍ଧାନ କରି ବଲାଙ୍ଗିରବାସୀଙ୍କୁ ଜଣାନ୍ତୁ । ଲୋକେ ଏହି ଘଟଣାକୁ ସନ୍ଦେହ ଚକ୍ଷୁରେ ଦେଖିଲେଣି । ରାଜେନ୍ଦ୍ର କଲେଜ ଜମିକୁ ନେଇ ନିଜେ ସରକାର ରେ ଥାଇ ଛାତ୍ର ସମାଜକୁ ଭ୍ରମାତ୍ମକ ମନ୍ତବ୍ୟ ଉପମୁଖ୍ୟମନ୍ତ୍ରୀ ନିଜେ ଦେଉଛନ୍ତି ବୋଲି ଲେକେ କୁହାକୁହି ହେଲେଣି । ତେଣୁ ଯଦି ଯଦି ପ୍ରଦାନ ସତ୍ୟ ତେବେ ଜମି ଅନୁସନ୍ଧାନ କରି ବିଶ୍ୱ ବିଦ୍ୟାଳୟ କୁ ଫେରାଇବାର ବ୍ୟବସ୍ଥା କରନ୍ତୁ ନଚେତ ନିଜର ଅପାରଗତା କୁ ସ୍ୱିକାର କରି ନିଜେ ସରକାର ରୁ ଇସ୍ତଫା ଦିଅନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରେସ ବିବୃ□ ମାଧ୍ୟମରେ ଆହ୍ୱାନ କରିଛନ୍ତି ।



# ମୁଖ୍ୟ ରାସ୍ତାରେ ଗଜରାଜ,ଆତଙ୍କରେ ଅଞ୍ଚଳବାସୀ

ମୋରଡ଼ା,୧୧।୧୦ :(ମନ୍ଥନ)ଏମିତି ଦୃଶ୍ୟ ବିରଳ। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ଭାତଛତର - ଚିକିଟାମାଟିଆ ମୁଖ୍ୟ ରାସ୍ତାରେ ଆଜି ସକାଳୁ ବୁଲୁଛି ଏକ ବିଶାଳକାୟ ଦନ୍ତା ହାତୀ। ହାତୀଟି ମୁଖ୍ୟ ରାସ୍ତା ମଝିରେ ଧୀରେ ଧୀରେ ଚାଲୁଥିବା ବେଳେ ତା' ପଛରେ ହଜାର ହଜାର ଲୋକଙ୍କ ଭିଡ ଲାଗିଛି। କେହି ମୋବାଇଲରେ ଭିଡିଓ କରୁଛି ତ ଆଉ କେହି ହାତୀକୁ ଖାଇବା ପାଇଁ କଦଳୀ ପତ୍ର, ଧାନ ଦେଉଛନ୍ତି। ହାତୀ ଆତଙ୍କରେ ପୁରା ଅଞ୍ଚଳ ଆତଙ୍କିତ ହୋଇ ପଡିଛି। ହାତୀଟି ରାସ୍ତାରେ ଚାଲିବା ଯୋଗୁଁ ମୋରଡ଼ା - ବାଘଡ଼ା ମୁଖ୍ୟ ରାସ୍ତା ଦୀର୍ଘ ସମୟ ଧରି ଜାମ ହୋଇ ରହିଛି। ଶହ ଶହ ଗାଡି ଅଟକି ରହିଛି। ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗର କର୍ମଚାରୀ ପହଞ୍ଚି ଭିଡ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ



ହାତୀ ଠାରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି।ମୁଖ୍ୟ ରାସ୍ତାରେ କିଛି ସମୟ ଚାଲିବା ପରେ ହାତୀଟି ଧୀରେ ଧୀରେ ବ୍ରାହ୍ମଣମାରା - ବଡ଼ଶୋଳ ଜଙ୍ଗଲ ଭିତରକୁ ପ୍ରବେଶ କରିଛି। ହାତୀ ଜଙ୍ଗଲକୁ ଫେରିବା ପରେ ଯାଇ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ଜଙ୍ଗଲ ମୁହାଁ ନ ହେବାକୁ ସତର୍କ କରାଯାଇଛି।

# ଭୟାବହ ବିସ୍ଫୋରଣ, ଦୁଇ ମୃତ ଦୁଇ ଗୁରୁତର

ଜଗତସିଂହପୁର,୧୧।୧୦ :(ମନ୍ଥନ)ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି, ଜଗତସିଂହପୁର ଜିଲ୍ଲା ପଟିଲୋ ପଂଚାୟତ ମହିଳ ଗ୍ରାମ ରେ,କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ ଦାଣ୍ଡ, ଆଜି ମଧାହ୍ନ ସମୟ ରେ ଗୋଟେ ପରିବାର ରେ ଘଟି ଯାଇଛି ।ଏଭଳି ମର୍ମାନ୍ତୁଦ ଘଟଣା, କିଏ କହୁଛି ବାଣ ବିସ୍ଫୋରଣ ତ କିଏ କହୁଛି ଗ୍ୟାସ ଟାଙ୍କି ଫାଟିଛି । ବିସ୍ଫୋରଣ ଏତେ ଭୟାବହ ଥିଲା ଯେ ଘର ର କାନ୍ଥ ସବୁ ଫାଟି ଯାଇଥିବା ବେଳେ ଘର ର ଝରକା କବାଟ ସବୁ ଉଡି ଯାଇଥିଲା, ଘଟଣା ସ୍ଥଳ ରେ ପରିବାର ର ମୁଖ୍ୟ ମନୋରଞ୍ଜନ ସ୍ୱାଇଁ ଙ୍କ ର ଘଟଣା ସ୍ଥଳ ରେ ମୃତୁ ଘଟି ଥିବା ବେଳେ ଡାକ୍ତରଖାନା ରେ ପୁଅ ସୌମ୍ୟ ସାହିଲ ର ମୃତ୍ୟୁ ଘଟିଛି,ଜଣେ ଶିକ୍ଷକ ତାଙ୍କ ଘରକୁ ଆସିଥିବା ବେଳେ ଗୁରୁତର ହେବା ସହ ଆଉ ଦୁଇ ଜଣ ମଧ ଗୁରୁତର ଅଛନ୍ତି, ବର୍ତମାନ ଘଟଣା ସ୍ଥଳ ରେ ପହଂଚି ତଦନ୍ତ ଜାରି ରଖିଛି ।

# ବୋଦସାରେ ସାଙ୍ଗଠନିକ ବୈଠକ

ଖଣ୍ଡପଡା,୧୧।୧୦ :(ମନ୍ଥନ)ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦାସା ପଞ୍ଚାୟତରେ ପୂର୍ବତନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ପୌରହିତ୍ୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଏକ ବିକଳ୍ପ ଶକ୍ତି ଭାବେ ପାର୍ଟି ନୁହେଁ ବରଂ ମାଟି ପାଇଁ ଲଢିବା ବୋଲି ଶ୍ରୀ ପଟ୍ଟନାୟକ ଆହ୍ୱାନ କରିଥିଲେ। ସ୍ଥାନୀୟ



ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ସାମିଲ ହେବା ସହିତ ଆସନ୍ତା ନିର୍ବାଚନରେ ପରିବାର ଭଳି ଏକାଠି ହୋଇ ଲଢିବା ନିମନ୍ତେ ସଂକଳ୍ପ ନେଇଥିବା ସୂଚନା ମିଳିଛି। ବିଶେଷକରି ବୋଦସା ଏକ କୃଷି ପ୍ରଧାନ ପଞ୍ଚାୟତ ହୋଇଥିବା ବେଳେ କ୍ରମାଗତ ଭାବେ ସରକାରୀ ଅବହେଳା ହୋଇଆସୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଗତ କିଛିଦିନ ତଳେ ଆସିଥିବା ଭୟଙ୍କର ବନ୍ୟାରେ ଲୋକଙ୍କ ଫସଲ କ୍ଷତି ହୋଇଥିବା ବେଳେ ପ୍ରଶାସନିକ ସ୍ତରରେ କୌଣସି ଆକଳନ ହୋଇନଥିଲା। ଏପରିକି ଲୋକଙ୍କୁ କ୍ଷତିପୂରଣ ମଧ୍ୟ ଆଜିଯାଏଁ ମିଳିଲା ନାହିଁ। ଫଳରେ ଚାଷୀକୁଳ ହନ୍ତସନ୍ତ ହେଉଥିବା ବେଳେ ଆସନ୍ତା ନିର୍ବାଚନରେ ଏହାର ଜବାବ ଦିଆଯିବ ବୋଲି କହିଛନ୍ତି। ବୈଠକରେ ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ନନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଯ୍ୟୋଧନ ସ୍ୱାଇଁ, ବରିଷ୍ଠ ସଂଗଠକ ଜିତେନ୍ଦ୍ର କୁମାର ରଣସିଂହ, ଶିବଶଙ୍କର ସାହୁ, ଅନନ୍ତ ମହାପାତ୍ର, ହୃଷିକେଶ ରାଉତ, ମାନସ ବସ୍ତି, ପ୍ରଶାନ୍ତ ପାତ୍ର ପ୍ରମୁଖ ବହୁ ଛାମୁଆଁ ନେତା ସାମିଲ ହୋଇଥିଲେ।

# ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବାତିଲ ବିଜୁ ଛାତ୍ର ଜନତା ଦଳର ଧାରଣା

ଖଣ୍ଡପଡା,୧୧।୧୦ :(ମନ୍ଥନ) ଖଣ୍ଡପଡା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଛି ଜିଲ୍ଲା ପ୍ରଶାସନ। ଆଜି ଅପରାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ନେଇ ଚିଠି ଜାରି କରାଯାଇଥିବା ମହାବିଦ୍ୟାଳୟ ଅଧକ୍ଷା ସ୍ୱଚ୍ଛ ସଲୀଳା ମହାପାତ୍ର ସୂଚନା ଦେଇଛନ୍ତି। ତେବେ ନିର୍ବାଚନ ବାତିଲ ପରେ ଛାତ୍ର ଅଶାନ୍ତି ଦେଖା ଦେବା ସହିତ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କ୍ୟାମ୍ପସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଛାତ୍ରଛାତ୍ରୀ ମାନେ ଏ ନେଇ କଲେଜ କର୍ତ୍ତୁପକ୍ଷଙ୍କୁ କୈଫୟତ ମାଗିବା ସହିତ ନିର୍ବାଚନ ଦାବି କରିଥିଲେ। ଛାତ୍ର ବିଜେଡି ପକ୍ଷରୁ ମିଳିଥିବା ଅଭିଯୋଗ ଅନୁଯାୟୀ ଆଜି ପୃଥକ ପୃଥକ ଭାବେ ବିଭିନ୍ନ ସଂଗଠନ ପକ୍ଷରୁ ସୁରୁଖୁରରେ ନାମାଙ୍କନ ପ୍ରକ୍ରିୟା ସରିବା ସହିତ କ୍ୟାମ୍ପସ ନିର୍ବାଚନ ମୁହାଁ ହେଉଥିଲା। ତେବେ ଶାସକ ଦଳ ସମର୍ଥିତ ସଂଗଠନ ପକ୍ଷରୁ ପୃଥକ ପୃଥକ ନାମାଙ୍କନ ଯୋଗୁଁ ହଠାତ ଅପରାହ୍ନରେ ନିର୍ବାଚନ ବନ୍ଦ ଘୋଷଣା କରାଯାଇଥିଲା। ଯାହାକୁ ନେଇ ଛାତ୍ର ବିଜେଡି



ସଭାପତି ବିକ୍ରମ ପ୍ରଧାନ, ଯୁବ ସଭାପତି ମନୋରଞ୍ଜନ ବେହେରାଙ୍କ ସମେତ ନାମାଙ୍କନ ଭରିଥିବା ଛାତ୍ରମାନେ କଲେଜ ମୁଖ୍ୟ ଫାଟକ ଆଗରେ ଧାରଣା ଦେବା ସହିତ ନିର୍ବାଚନ ଦାବି କରିଥିଲେ। ଘଟଣାକୁ ନେଇ ବଜାର ଅଞ୍ଚଳରେ ଉତ୍ତ ?ଜନା ବଢୁଥିବା ବେଳେ ଏସଡିପିଓ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଉତ୍ୟକ୍ତ ଛାତ୍ର ଓ ସଂଗଠନ ନେତାଙ୍କୁ ବୁଝାସୁଝା କରିଥିଲା। ସନ୍ଧ୍ୟାରେ କଲେଜ ଅଧକ୍ଷା ଶ୍ରୀମତୀ ମହାପାତ୍ରଙ୍କ ନେତୃତ୍ୱରେ କଲେଜ କର୍ତ୍ତୃପକ୍ଷ ଧାରଣାରତ ଛାତ୍ର ଏବଂ ସଂଗଠନ ନେତାଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଆସନ୍ତାକାଲି ପୁଣିଥରେ ବିସିଜେଡି ସମର୍ଥିତ ଛାତ୍ରଛାତ୍ରୀ ଧାରଣା ଦେବେ ବୋଲି ସୂଚନା ମିଳିଛି।

# ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର ୟୁନିଟ୍ ସିଆଇଆଇ ଜାତୀୟ ଜଳ ପରିଚାଳନା ଉତ୍କର୍ଷତା ପୁରସ୍କାର ୨୦୨୬ ହାସଲ କଲା

ଯାଜପୁର,୧୧।୧୦ :(ମନ୍ଥନ) ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ ଜିନ୍ଦାଲ ଷ୍ଟେନଲେସର ଯାଜପୁର ୟୁନିଟ୍‌କୁ 'ସିଆଇଆଇ ଜାତୀୟ ଜଳ ପରିଚାଳନା ଉତ୍କର୍ଷତା ପୁରସ୍କାର ୨୦୨୬' ର 'ୱିଥିନ୍ ଦ ଫେନ୍ସ' ବର୍ଗରେ ବିଜେତା ଭାବେ ସମ୍ମାନିତ କରାଯାଇଛି। ଜଳ ସଂରକ୍ଷଣ, ସଂସାଧନର ଦକ୍ଷ ବ୍ୟବହାର ଏବଂ ସ୍ଥାୟୀ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି ।ସିଆଇଆଇ-ତ୍ରିବେଣୀ ୱାଟର ଇନଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରଦତ୍ତ ଏହି ପୁରସ୍କାର ଜଳ ସଂରକ୍ଷଣ, ଅଭିନବ ବ୍ୟବସ୍ଥା, କାର୍ଯ୍ୟଦକ୍ଷତା ଏବଂ ସ୍ଥାୟୀ ଜଳ ପରିଚାଳନାରେ ଉତ୍କର୍ଷତା ପ୍ରଦର୍ଶନ କରୁଥିବା ସଂସ୍ଥାଗୁଡ଼ିକୁ ସମ୍ମାନିତ କରିଥାଏ। ଗତ ଏକ ଦଶକରୁ ଅଧିକ ସମୟ ଧରି ଏହି ପୁରସ୍କାର ଜଳ ସୁରକ୍ଷିତ ଭବିଷ୍ୟତ ଗଠନରେ ଅବଦାନ ରଖୁଥିବା ଶିଳ୍ପ ସଂସ୍ଥାଗୁଡ଼ିକୁ ସ୍ୱୀକୃତି ଦେଇଆସୁଛି।ଏହି ସ୍ୱୀକୃତି ଯାଜପୁର ୟୁନିଟ୍‌ରେ ସ୍ଥାୟୀ ବିକାଶକୁ ମୂଳ ଆଧାର କରି କାର୍ଯ୍ୟ ସଞ୍ଚାଳନ ପ୍ରତି ଜିନ୍ଦାଲ ଷ୍ଟେନଲେସ୍‌ର ଅଟୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କମ୍ପାନୀର ଏହି ଫ୍ଲାଗଶିପ୍ ଉତ୍ପାଦନ କେନ୍ଦ୍ର ବିଶ୍ୱର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନ କେନ୍ଦ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ।ଯାଜପୁର କାରଖାନାରେ ସଂସାଧନର ଦାୟିତ୍ୱଶୀଳ ବ୍ୟବହାର ଏବଂ ପରିବେଶ ସୁରକ୍ଷାକୁ କେନ୍ଦ୍ର କରି ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାର ସ୍ଥାୟୀ ବିକାଶ ଯାତ୍ରାର ଏକ ପ୍ରମୁଖ ଉଦାହରଣ ହେଉଛି ୧୦୦ ପ୍ରତିଶତ ଆଭ୍ୟନ୍ତରୀଣ ଜଳ ପୁନଃବ୍ୟବହାର ବ୍ୟବସ୍ଥା, ଯାହା ଜଳର ଦକ୍ଷ ବ୍ୟବହାର ସହିତ ମଧୁର ଜଳ ଉପରେ ନିର୍ଭରଶୀଳତାକୁ ହ୍ରାସ କରିଛି।ବର୍ଷ ପରେ ବର୍ଷ କାରଖାନାଟି ଫ୍ଲୋଟିଂ ଓ ରୁଫଟପ୍ ସୋଲାର ସ୍ଥାପନା, ସର୍କୁଲାର ଇକୋନୋମି ପଦକ୍ଷେପ ଏବଂ ଉନ୍ନତ ପ୍ରକ୍ରିୟା ଅପ୍ଟିମାଇଜେସନ ଭଳି ବିଭିନ୍ନ ସ୍ଥାୟୀ ବିକାଶମୂଳକ ପଦକ୍ଷେପ ଗ୍ରହଣ କରି ପ୍ରାକୃତିକ ସମ୍ପଦ ସଂରକ୍ଷଣ ସହିତ କାର୍ଯ୍ୟଦକ୍ଷତା ବୃଦ୍ଧି କରିଆସୁଛି।ଏହି ସଫଳତା ସମ୍ପର୍କରେ ମତ ରଖି ଜିନ୍ଦାଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି,'ଏହି ପୁରସ୍କାର ଦାୟିତ୍ୱଶୀଳ ଉତ୍ପାଦନ ଏବଂ ଜଳ ପରିଚାଳନା ପ୍ରତି ଆମର ଅଟୁଟ ପ୍ରତିବଦ୍ଧତାର ଏକ ସ୍ୱୀକୃତି। ଜିନ୍ଦାଲ ଷ୍ଟେନଲେସ୍‌ରେ ସ୍ଥାୟୀ ବିକାଶ ଆମର ପ୍ରତ୍ୟେକ କାର୍ଯ୍ୟରେ ନିହିତ ଅଛି। ନବୋନ୍ମେଷ, ସଂସାଧନ ଦକ୍ଷତା ଏବଂ ପରିବେଶୀୟ ଉତ୍କର୍ଷତା ଦିଗରେ ଆମ ଟିମ୍‌ର ସମ୍ମିଳିତ ପ୍ରୟାସର ଏହା ଏକ ପ୍ରତିଫଳନ।'ଜିନ୍ଦାଲ ଷ୍ଟେନଲେସ୍‌ର ସ୍ଥାୟୀ ବିକାଶ ଏଜେଣ୍ଡାରେ ଯାଜପୁର ୟୁନିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଜଳ ପରିଚାଳନା, ଶକ୍ତି ସଂରକ୍ଷଣ, ବର୍ଜ୍ୟ ପଦାର୍ଥର ପୁନଃବ୍ୟବହାର ଏବଂ ସର୍କୁଲାର ଇକୋନୋମି ଉପରେ ଗୁରୁତ୍ୱ ଦେଇ କମ୍ପାନୀ ଟେକ୍ନୋଲୋଜି, ଡିଜିଟାଲ ପରିବର୍ତ୍ତନ ଏବଂ ସ୍ଥାୟୀ କାର୍ଯ୍ୟପ୍ରଣାଳୀରେ ନିରନ୍ତର ବିନିଯୋଗ ଜାରି ରଖିଛି। ଏହା ଦୀର୍ଘମିଆଦୀ ମୂଲ୍ୟ ସୃଷ୍ଟି ସହିତ ଭବିଷ୍ୟତ ପିଢ଼ି ପାଇଁ ପ୍ରାକୃତିକ ସମ୍ପଦ ସୁରକ୍ଷା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।




# କବିସୂର୍ଯ୍ୟନଗରର ବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ତ୍ରିମୁଖୀ ଲଢେଇ, ଛାତ୍ର ସଂସଦ ନିର୍ବାଚନକୁ ନେଇ ବଢ଼ିଲା ଉତ୍କଣ୍ଠା

କବିସୂର୍ଯ୍ୟନଗର,୧୧।୧୦ :(ମନ୍ଥନ)ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଚଳଚଞ୍ଚଳ ହୋଇଉଠିଛି କବିସୂର୍ଯ୍ୟନଗରର ବଳଦେବ ବିଜ୍ଞାନ ମହାବିଦ୍ୟାଳୟ। ଚଳିତ ବର୍ଷ ନିର୍ବାଚନରେ ସଭାପତି ପଦବୀ ପାଇଁ ତ୍ରିମୁଖୀ ଲଢେଇ ହେବାକୁ ଥିବାରୁ ମହାବିଦ୍ୟାଳୟ ପରିସରରେ ରାଜନୈତିକ ଉଷ୍ମତା ବଢ଼ିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି।ଛାତ୍ର ସଂସଦ ନିର୍ବାଚନକୁ ନେଇ ସବୁବେଳେ ଚର୍ଚ୍ଚାରେ ରହୁଥିବା ଏହି ମହାବିଦ୍ୟାଳୟରେ ଚଳିତ ବର୍ଷ ମଧ୍ୟ ରୋଚକ ଲଢେଇ ଦେଖିବାକୁ ମିଳିବାର ଆଶା ରହିଛି। ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଦିନରେ ସଭାପତି ପଦବୀ ପାଇଁ ତିନିଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି।ସଭାପତି ପଦବୀ ପାଇଁ ସୁରଜ ନାୟକ, ବାଦଲ ବିଶ୍ୱାଳ ଓ କେଶବ ପ୍ରଧାନ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଏହି ତ୍ରିମୁଖୀ ଲଢେଇ ନିର୍ବାଚନକୁ ଅଧିକ ରୋଚକ କରିଛି।ସେହିପରି ସାଧାରଣ ସମ୍ପାଦକ ପଦବୀ ପାଇଁ ଶୁଭମ ଚୌଧୁରୀ, ରୁଦ୍ର ନାରାୟଣ ସୁବୁଦ୍ଧି, ରୁଦ୍ର ପରିଡ଼ା ଓ ସୋନାଲି ନାହାକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉପସଭାପତି ପଦବୀ ପାଇଁ ରୁଦ୍ର ନାରାୟଣ ନାହାକ, ରୋଜାଲିନ ସାହୁ ଓ ସୋନାଲି ସାହୁ ନିର୍ବାଚନ ମଇଦାନରେ ରହିଛନ୍ତି।ଏହାବ୍ୟତୀତ କ୍ରୀଡ଼ା ସମ୍ପାଦକ ଓ ନାଟ୍ୟ ସମ୍ପାଦକ ପଦବୀ ପାଇଁ ମଧ୍ୟ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି।ଦୀର୍ଘ ବ୍ୟବଧାନ ପରେ ହେଉଥିବା ଏହି ଛାତ୍ର ସଂସଦ ନିର୍ବାଚନରେ କେଉଁ ପ୍ରାର୍ଥୀ ବାଜିମାତ କରିବେ, ତାହାକୁ ନେଇ ଏବେଠାରୁ ଆରମ୍ଭ ହୋଇଛି ଚର୍ଚ୍ଚା। ଆଗାମୀ ଦିନରେ ପ୍ରଚାର ଓ ଛାତ୍ରଛାତ୍ରୀଙ୍କ ସମର୍ଥନ ହିଁ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟରେ ଗୁରୁତ୍ୱପୂର୍ଣ୍ଣ ହେବ।

# ଅଷ୍ଟମ ବାଟାଲିୟନ ପରିସରରେ ପକ୍ଷୀଙ୍କ ପାଇ କୃତ୍ରିମ ବସା ସ୍ଥାପନ

ଗଞ୍ଜାମ,୧୧।୧୦ :(ମନ୍ଥନ)ଗଞ୍ଜାମ ଥାନା ଅନ୍ତର୍ଗତ ଅଗସ୍ତି ନୂଆଁଗାଁ ଛକ ନିକଟରେ ରହିଥିବା ଓଏସଏପି ଅଷ୍ଟମ ବାଟାଲିୟନ ପରିସରରେ ଦୁର୍ଗପତି ସାରଦା ପ୍ରସାଦ ଦାସଙ୍କ ପୌରୋହିତ୍ୟ ଓ ମାର୍ଗଦର୍ଶନରେ ପକ୍ଷୀମାନଙ୍କ ପାଇଁ କୃତ୍ରିମ ବସା ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ପକ୍ଷୀମାନଙ୍କ ସୁରକ୍ଷା, ପ୍ରାକୃତିକ ପରିବେଶର ସଂରକ୍ଷଣ ଏବଂ ଜୈବ ବିବିଧତାର ବିକାଶ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟକୁ ନେଇ ବାଟାଲିୟନ ପରିସରରେ ଥିବା ବିଭିନ୍ନ ଗଛ ଓ ନିରାପଦ ସ୍ଥାନରେ ପକ୍ଷୀମାନଙ୍କ ପାଇଁ କୃତ୍ରିମ ବସା ସ୍ଥାପନ କରାଯାଇ ସେମାନଙ୍କୁ ନିରାପଦ ଆଶ୍ରୟ ଯୋଗାଇଦେବା ସହ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରାଯାଇଛି।ପ୍ରଥମ ପର୍ଯ୍ୟାୟରେ ବାଟାଲିୟନ ପରିସରର ବିଭିନ୍ନ ସ୍ଥାନରେ ମୋଟ ୨୦ଟି କୃତ୍ରିମ ପକ୍ଷୀ ବସା ସ୍ଥାପନ କରାଯାଇଛି।

# ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୭ତମ ଉର୍ସ ପାଳନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମ ପ୍ରସ୍ତୁତି ବୈଠକ

ଧାମନଗର, ୧୧।୧୦ :(ମନ୍ଥନ) ଧାମନଗର ଖାନକା ସରିଫ୍ ପରିସରରେ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତ ତଥା ମୌଲାନା ସାହା ମହମ୍ମଦ ହବିବୁର ରହେମାନଙ୍କ ୪୭ତମ ଉର୍ସ ଉତ୍ସବ ଆସନ୍ତା ଅକ୍ଟୋବର ମାସ ୧୭ ଓ ୧୮ ଦୁଇ ଦିନ ବ୍ୟାପୀ ପାଳନ ଉପଲକ୍ଷେ ବୁଧବାର ଅପରାହ୍ନ ୫ଟା ୩୦ ମିନିଟ ସମୟରେ ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ପ୍ରଶାସନିକ ସ୍ତରର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଏସ୍ ପି ମନୋଜ କୁମାର ରାଉତ,ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ,ଡେପୁଟି କଲେକ୍ଟର ଜୁଡ଼ିସିଆଲ,ସିଟି ଡି ଏସ୍ ପି ଅଂଶୁମାନ ଦ୍ୱିବେଦୀ,ଧାମନଗର ଏସ୍ ଡି ପି ଓ କୃଷ୍ଣ ଚରଣ ବାରିକ,ଏସଆଇ ନାରାୟଣ ନାୟକ,ବିଡିଓ ବନବିହାରୀ ଦିନ୍ଦା,ତହସିଲଦାର ଜ୍ଞାନରଞ୍ଜନ ସାହୁ,ଏନ ଏ ସି ର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ ସମେତ ପରିବହନ ଅଧିକାରୀ,ଜିଲ୍ଲା ଶିକ୍ଷା ଅଧିକାରୀ,ପୂର୍ତ୍ତ ବିଭାଗ ଅଧିକାରୀ,ଆର ଡି ବିଭାଗ ଅଧିକାରୀ,ବନବିଭାଗ ଅଧିକାରୀ,ପି,ଏଚ୍ ଡି ବିଭାଗ ଅଧିକାରୀ,ବିଦ୍ୟୁତ ବିଭାଗ ଅଧିକାରୀ,ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା,ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ,ଅଗ୍ନିଶ୍ରମ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଧାମନଗର ଖାନକା ସରିଫ ମତ୍ୱଲ୍ଲୀ ଓ ସଜ୍ଜାଦା ନସିନ୍ ସୟଦ୍ ହବିବ ରଜା ହବିବି ଯୋଗ ଦେଇଥିବା ବେଳେ ସମ୍ପାଦକ ମହମ୍ମଦ ଇସ୍ରାଇଲ ହବିବି ଦୁଇ ଦିନ ଉର୍ସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏଥିରେ ଉପସଭାପତି ସୟଦ ମୁସ୍ତଫା ରଜା,ସହ ସମ୍ପାଦକ ସେକ ଅବଦୁର ରହେମାନ,ଏମଡି ହାସନେନ ହବିବି,ବରିଷ୍ଠ ସଭ୍ୟ ସେକ ତାହେର,ସେକ ଗୋଲାମ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ପୀରବାବାଙ୍କ ଦୁଇ ଦିନ ଧରି ଉର୍ସ ଉତ୍ସବରେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଆଗମନ ଓ ସମାଗମକୁ ଲକ୍ଷ କରି ତାଙ୍କର ରହଣୀ,ଗାଡ଼ି ପାର୍କିଂ,ରାସ୍ତା ମରାମତି,ଆଲୋକି କରଣ,ଅସ୍ଥାୟୀ ଶୌଚାଳୟ,ସଫେଇ, ପାଣି ଟ୍ୟାଙ୍କର,ଆମ୍ବୁଲାନସ୍ ଓ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର, ଅଗ୍ନିନିରାପତ୍ତା ବ୍ୟବସ୍ଥା,ରେଳଷ୍ଟେସନ୍‌ରେ ଅଧିକ ଟିକେଟ୍ କାଉଣ୍ଟର,ଅସ୍ଥାୟୀ ଶୌଚାଳୟ,ପାନୀୟ ଜଳଯୋଗାଣ, ସିସିଟିଭି ଲଗାଇବା,ଅସ୍ଥାୟୀ ଟ୍ରାନସ୍‌ଫର୍ମର ସ୍ଥାପନ,ଟ୍ରାଫିକ୍ ନିୟନ୍ତ୍ରଣ ଏଇଭଳି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରି ଉପସ୍ଥିତ ସମ୍ପୃକ୍ତ ଅଧିକାରୀମାନଙ୍କୁ ସମସ୍ୟା ର ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ୧୭ ତାରିଖ ପ୍ରଥମ ଦିନ ସକାଳ ୬ଟା ରୁ ୭୩୦ ପର୍ଯ୍ୟନ୍ତ କୋରାନ୍ ପାଠ ୭ଟା ୩୦ରୁ ପୀରବାବାଙ୍କୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନ,ସକାଳ ୮ ଟାରୁ ଭୋର ୪ଟା ପର୍ଯ୍ୟନ୍ତ କବି ସମ୍ମିଳନୀ ଅନୁଷ୍ଠିତ ହେବ,ଦ୍ୱିତୀୟ ଦିନ ୧୮ତାରିଖ ଭୋରୁ ୪ଟାରେ ବାବାଙ୍କ (ସ୍ନାନ) ୬ଟାରୁ ଉତ୍ସବର ବିଶେଷ ଆକର୍ଷଣ ଚାଦର ଶୋଭାଯାତ୍ରା ଅପରାହ୍ନ ୪ ଟାରୁ ୫ଟା ୧୫



ପର୍ଯ୍ୟନ୍ତ (କୁଲସରିଫ) ପରେ ଖାନକା ମତ୍ୱଲି ସୟଦ ହବିବ ରଜା ହବିବି ସମୂହ ପ୍ରାର୍ଥନା ଓ ଧାର୍ମିକ ବାଣୀ ପ୍ରଦାନ ଏବଂ ରାତ୍ର ୮ଟାରୁ ଭୋର ୪ଟା ପର୍ଯ୍ୟନ୍ତ ମୌଲାନା ମାନଙ୍କର ଦ୍ୱାରା ମୁସାଏରା,ନାତଖାନି,ପୀରବାବାଙ୍କ ଜିବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କାର୍ଯ୍ୟକ୍ରମ ରହିଛି ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି। ଶେଷରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧକ୍ଷତାରେ ଏସ୍ ପି ମନୋଜ କୁମାର ରାଉତ ଧାମନଗର ଖାନଙ୍କା ହବିବିୟା ଟ୍ରଷ୍ଟର କର୍ମକର୍ତ୍ତା ମାନଙ୍କୁ କହିଲେ ଯେ ଜିଲ୍ଲାପାଳ ଉର୍ସ କମିଟି ସହିତ ଓ ପ୍ରଶାସନିକ ସ୍ତରରେ ବିଭିନ୍ନ ପ୍ରସଙ୍ଗରେ ମିଟିଂ ସାରି ଅନ୍ୟ କାମରେ ଚାଲିଗଲେ। ଆପଣ ମାନେ ଆସିଛନ୍ତି ତେଣୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଉର୍ସ ଉତ୍ସବକୁ ଆମେ ସମସ୍ତେ ମିଶି ଭଲରେ ପାଳନ କରିବା ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁ ଆସିବେ ତାଙ୍କର କୌଣସି ଅସୁବିଧା ନହେ ଆମେ ସେଦିଗରେ ସଜାଗ ରହିବା। ବାକି ଯାହା ଅଛି ପର୍ବ ପରେ ଆଲୋଚନା ଆଲୋଚନା କରିବା। ଏବେ ସହଯୋଗ କରି ଉର୍ସ ପର୍ବ ପାଳନ କର କେହି କିଛି ବିଶୃଙ୍ଖଳା କରିବ ନାହିଁ ବୋଲି ଏସପି ଶ୍ରୀ ରାଉତ ତାଗିଦ କରିଛନ୍ତି। ଉପଦେଷ୍ଟା ହବିବୁର ରହେମାନ କୌଣସି ଅସୁବିଧା କରିବୁ ନାହିଁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବୈଠକରେ ଧାମନଗର ଖାନଙ୍କା ହବିବିୟା ଟ୍ରଷ୍ଟ ଓ ପରିଚାଳନା କମିଟିର ସଭାପତି ମୌଲାନା ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ-ମିଲ୍ଲତ)ଙ୍କ ଉପସ୍ଥିତରେ ଉପସଭାପତି ମୋଲନା ଏମଡି ଅବଦୁଲ ମନ୍ନାନ ହବିବି,ସହସମ୍ପାଦକ ସେକ କଲିମ,ଉପଦେଷ୍ଟା ଏମଡି ଫଜଲେ ବାରି,ଏମଡି ହବିବୁର ରହେମାନ,ସେକ ଅସଲାମ,ଏମଡି ଜୟନୁଲ ଆବେଦିନ,ସେକ ନେଜାମୁଦ୍ଦିନ,ସେକ ସିରାଜ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ଘରୋଇ ବସ୍ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ବସମଧ୍ୟରେ ଧକ୍କା,ସ୍କୁଲ ଛାତ୍ର ଛାତ୍ରୀ ଆହତ

କାକଟପୁର, ୧୧।୧୦ :(ମନ୍ଥନ) କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ପଞ୍ଚାୟତ ଅସିଜଙ୍ଗା ଗ୍ରାମ ପାଖରେ ଘରୋଇ ବସ୍ ଷୋଳପୁଅମା ବସ୍ ନଂଓ ଡି ୦୨ଏ ଏଫ ୯୮୨୫ ଶ୍ରୀଜଗନ୍ନାଥ ପ୍ରଶାସନ ବସ୍ କୁ ପଛରୁ ଧକ୍କା ଦେବା ଫଳରେ ଘରୋଇ ବସ୍ ରେ ଯାଉଥିବା ଓଡିଶା ଆଦର୍ଶ ବିଦ୍ୟାଳୟ କୁଞ୍ଜ ର ଛାତ୍ର ଛାତ୍ରୀ ମାନେ ଆହତ ହୋଇ ଥିଲେ ତାଙ୍କୁ ସ୍ଥାନୀୟ ଗ୍ରାମର ଲୋକମାନଙ୍କ ଦ୍ୱାରା ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରାଯାଇ ଥିଲା। ମୋଟ ୫ଜଣ ପିଲାଙ୍କୁ ମେଡିକାଲ ନିଆଯାଇଥିଲା, ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର କୁ ଚିକସା ପାଇଁ ପଠା ଯାଇ ଅଛି ।ଆଉ ସମସ୍ତ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି ।ପ୍ରତ୍ୟକ୍ଷ ଦର୍ଶୀ ଙ୍କ କହିବା ଅନୁଯାୟୀ ଘରୋଇ ବସ୍ ଓ ସରକାରୀ ବସ୍ ମଧ୍ୟରେ ଗୋଡ଼ିଆ ଗୋଡି ହୋଇ ପରସ୍ପର କୁ ବିପଦ ସଂକୁଳ ଭାବେ ଅତିକ୍ରମ କରିବା ଦ୍ୱାରା ଏହି ଦୁର୍ଘଟଣା ଘଟିଛି। ଏହି ବସ୍ ମାନଙ୍କର ସମୟକୁ ନେଇ ଗୋଡ଼ିଆ ଗୋଡି ଦ୍ୱାରା ସାଧାରଣ ଜନତା, ଛାତ୍ର ଛାତ୍ରୀ ଙ୍କ ଜୀବନ ଅକାଳରେ ଚାଲିଯିବ ତାହା କହିହେବନାହିଁ। ଯଦି ପ୍ରଶାସନ ଏହା ଉପରେ ଦୃଷ୍ଟି ନ ରଖେ ଆଗକୁ ବଡ଼ ଦୁର୍ଘଟଣା କୁ ଡାକିଆଣିବା ପରିସ୍ଥିତି ଉପୁଜିପାରେ ।

# ଡେଲାଙ୍ଗରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ - ୨୦୩ ଚିହ୍ନଟ

ଡେଲାଙ୍ଗ,୧୧।୧୦ :(ମନ୍ଥନ)ଭିନ୍ନକ୍ଷମମାନଙ୍କୁ ବିକାଶ ମହାସ୍ରୋତରେ ସାମିଲ କରିବା ଲକ୍ଷ୍ୟ ନେଇ ପୁରୀ ଜିଲ୍ଲା ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଡେଲାଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନ କ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଡେଲାଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ରମାଦେବୀ ରାଉତରାୟ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ବିଡ଼ିଓ ସମୀର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ, ଅତିରିକ୍ତ ବିଡ଼ିଓ ନୀଳଶୈଳ ସ୍ୱାଇଁ, ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଡ଼ଃ ସ୍ନେହାଞ୍ଜଳି ମହାନ୍ତି ପ୍ରମୁଖଙ୍କ ଦ୍ୱାରା ଉଦଘାଟିତ ଏହି ଶିବିରରେ ଅସ୍ଥିବାଧିତ ୧୨୩ ଜଣ, ମାନସିକ ଅନଗ୍ରସର ୩୬ ଜଣ, ଦୃଷ୍ଟିଶକ୍ତି ବାଧିତ ୨୧ ଜଣ, ଶ୍ରବଣ ବାଧିତ ୨୩ ଜଣ ମୋଟ ୨୦୩ ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇଥିଲେ ।ଅସ୍ଥି ଶଲ୍ୟ ବିଭାଗ ଡା. ସୁଶୀଲ କୁମାର ନାୟକ, ଡା.ଦେବାଶିଷ ଦାଶ, ଇ ଏନ ଟି ଡା. ଆଶୀଷ ବେହେରା ଓ ଡା. ଚନ୍ଦନ ମହାନ୍ତି, ମାନସିକ ରୋଗ ବିଶେଷଜ୍ଞ ଡା ଇତିଶ୍ରୀ ଦାଶ, ମନସ୍ତତ୍ତ୍ୱବିତ ଅପର୍ଣ୍ଣା ମହାନ୍ତି, ଚକ୍ଷୁ ବିଶେଷଜ୍ଞ ଡା. ଶୁଭଲକ୍ଷ୍ମୀ ପରମଗୁରୁ, ଶିଶୁ ରୋଗ ବିଶେଷଜ୍ଞ ଡା.ଅର୍ଚ୍ଚନା ପଟନାୟକ ପ୍ରମୁଖ ଭିନ୍ନକ୍ଷମଙ୍କ ପରୀକ୍ଷା କରିଥିଲେ । ସ୍ଥାନୀୟ ସରପଞ୍ଚ ଦୀପକ କୁମାର ସାହୁ, ମହିଳା ମହାସଂଘ ଉପଦେଷ୍ଟା ବାସନ୍ତୀ ସାହୁ,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁପରଭାଇଜର ବଳରାମ ପଟନାୟକ, ରାମକୃଷ୍ଣ ବାରିକ ପ୍ରମୁଖଙ୍କ ସହ ବିଦ୍ୟାଳୟ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ମା' ମହୁରୀ ଗଡ଼ କାଳୁଆ ପୀଠରେ ଯୋଗଦେଲେ ବିଧାୟକ ସିଦ୍ଧାନ୍ତ ମହାପାତ୍ର

କୁକୁଡ଼ାଖଣ୍ଡି,୧୧।୧୦ :(ମନ୍ଥନ)ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ୍ ଶିହଳା ପଞ୍ଚାୟତ ଅନ୍ତର୍ଗତ ଟାମଣାସ୍ଥିତ ମା' ମହୁରୀ ଗଡ଼ କାଳୁଆଙ୍କ ପୀଠରେ ଷୋହଳ ଦିନାତ୍ମକ ଷୋଡ଼ଶ ଉପଚାର ପୂଜା ଜାରି ରହିଛି। ଏହି ଅବସରରେ ଆଜି ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହାପରେ ବିଧାୟକ ପୀଠ ପରିସର ବୁଲି ଦେଖିବା ସହ ଆୟୋଜକ କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ପୀଠର ଉନ୍ନତିକରଣ ଓ ଆବଶ୍ୟକୀୟ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ, ଆଜି ପୀଠ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳ ସମେତ ନିକଟବର୍ତ୍ତୀ ଗ୍ରାମର ବହୁ ଲୋକ ଯୋଗଦେଇ ନିଜ ନିଜର ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରାଇଥିଲେ।

ଏଥିସହ ପୀଠକୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଧାର୍ମିକ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା ସହ ସାମାଜିକ ସେବା କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ କୁକୁଡାଖଣ୍ଡି ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର,ସିହଳା ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସାଂସଦ ପ୍ରତିନିଧି ସନ୍ତୋଷ



ଚୌଧୁରୀ, ସମାଜସେବୀ ଉଦୟ କୁମାର ବେହେରା, ନଳିନୀକାନ୍ତ ବିଷୋୟୀ,କୈଳାସ ବିଷୋୟୀ, କର୍ପୋରେଟର ସୁରେନ୍ଦ୍ର ମହାରଣା, ନୀଳକଣ୍ଠ ସାହୁ,ପ୍ରଶାନ୍ତ ପଟ୍ଟନାୟକ,ସାମ୍ବାଦିକ ରୁପେଶ ପଣ୍ଡା, ଅସିତ ପଣ୍ଡା, ଶଙ୍କର ଗୌଡ଼ଙ୍କ ସମେତ କମିଟି ସଭାପତି ରଞ୍ଜନ କୁମାର ପାତ୍ର,ସେକ୍ରେଟାରୀ,ଦିଲୀପ ସାହୁ ଉପଦେଷ୍ଟା ସୁଶାନ୍ତ ସାବତ ଓ ଅନ୍ୟ ସଦସ୍ୟ ସହ ବହୁ ଗ୍ରାମ ବାସୀ, ମନ୍ଦିର ପୂଜକ ଚନ୍ଦ୍ର ରାଉଳ ଓ ସେବକ ଉପସ୍ଥିତ ଥିଲେ।

# ପରିବେଶବିତ୍ ସବ୍ୟସାଚୀଙ୍କୁ ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର - ୨୦୨୬ ପ୍ରଦାନ

ଡେଲାଙ୍ଗ,୧୧।୧୦ :(ମନ୍ଥନ)ଡେଲାଙ୍ଗ ବ୍ଲକ ଅଭୟମୁଖୀ ପଂଚାୟତ ଅନ୍ତର୍ଗତ ଇନ୍ଦିପୁର ଗ୍ରାମର ପ୍ରମୋଦ ସେନାପତିଙ୍କ ସୁପୁତ୍ର ଯୁବ ପରିବେଶବିତ୍ ସବ୍ୟସାଚୀ ସେନାପତିଙ୍କୁ ଉପଖଣ୍ଡ ସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ୨୦୨୬ ପ୍ରଦାନ କରାଯାଇଛି। ଖୁବ୍ କମ୍ ବୟସରୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ବନାଗ୍ନି ସଚେତନତା, ସଚେତନତା ସମେତ ଅନେକ ଜନ ସଚେତନତା କାର୍ଯ୍ୟକ୍ରମ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଶୁକ୍ରବାର ଦିନ ପୁରୀ ନୂଆନଇ ନିକଟସ୍ଥ ପ୍ରକୃତି ଶିବିର ନିକଟରେ ଆୟୋଜିତ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଶ୍ରୀ ମଗର ଧନାଜୀ ରାଓସୋ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ, ବନ ସଂରକ୍ଷଣାଧିକାରୀ ତଥା ବନଖଣ୍ଡ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଗତ ଦିନରେ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ ନିମନ୍ତେ ପ୍ରକୃତିବନ୍ଧୁ ପୁରସ୍କାର, ସମାଜସେବା ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଏଥି ପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଶକ୍ତି ଉପାସନା

ନବରାତ୍ରି କେବଳ ନଅ ରାତିର ଧାର୍ମିକ ଉତ୍ସବ ନୁହେଁ; ଏହା ଆସ୍ଥା, ଆତ୍ମସଂଯମ, ନାରୀଶକ୍ତି, ସାଂସ୍କୃତିକ ଐତିହ୍ୟ ଓ ସାମାଜିକ ଏକତାର ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ । ଭାରତୀୟ ଜୀବନଧାରାରେ ଏହାର ସ୍ଥାନ ଗଭୀର ହୋଇଥିବାବେଳେ ଓଡ଼ିଶାର ଧାର୍ମିକ ଚେତନା, ଲୋକପରମ୍ପରା ଓ ସାମୂହିକ ଜୀବନରେ ମଧ୍ୟ ଏହାର ବିଶେଷ ପ୍ରଭାବ ରହିଛି । 'ନବରାତ୍ରି' ଶବ୍ଦର ଅର୍ଥ ନଅ ରାତି । ଏହି ସମୟରେ ମା' ଦୁର୍ଗାଙ୍କ ବିଭିନ୍ନ ରୂପର ଆରାଧନା କରାଯାଏ ଏବଂ ଦଶମୀ ତିଥିରେ ବିଜୟାଦଶମୀ ପାଳନ କରାଯାଏ । ଏହି ପର୍ବର ମୂଳ ସନ୍ଦେଶ ହେଉଛି—ଅନ୍ୟାୟ ଯେତେ ଶକ୍ତିଶାଳୀ ହେଉ, ଧର୍ମ, ସାହସ ଓ ନ୍ୟାୟର ସମ୍ମିଳିତ ଶକ୍ତି ଶେଷରେ ତାହାକୁ ପରାସ୍ତ କରିପାରେ । ମହିଷାସୁର ଉପରେ ଦେବୀ ଦୁର୍ଗାଙ୍କ ବିଜୟର ପୌରାଣିକ କାହାଣୀ ଏହି ଚିରନ୍ତନ ଆଦର୍ଶକୁ ପ୍ରକାଶ କରେ । କିନ୍ତୁ ଏହାର ମହତ୍ତ୍ୱ କେବଳ ପୁରାଣର କାହାଣୀ ମଧ୍ୟରେ ସୀମିତ ନୁହେଁ; ମନୁଷ୍ୟର ନୈନ୍ଦିନ ଜୀବନରେ ଅନ୍ୟାୟ, ଅଜ୍ଞାନ, ଭୟ, ଅହଂକାର ଓ ଅସମାନତା ବିରୋଧରେ ଲଢ଼ିବାର ପ୍ରେରଣା ମଧ୍ୟ ଏହା ଦେଇଥାଏ । ଓଡ଼ିଶାରେ ନବରାତ୍ରିର ଭାବନା ଦୁର୍ଗାପୂଜା, ଦେବୀ ମନ୍ଦିରର ଆରାଧନା ଓ ଅଞ୍ଚଳଭିତ୍ତିକ ପରମ୍ପରା ସହ ଘନିଷ୍ଠ ଭାବେ ଜଡ଼ିତ । କଟକର ଚାନ୍ଦିମେଢ଼, ଭୁବନେଶ୍ୱରର ସୁସଜ୍ଜିତ ପୂଜାମଣ୍ଡପ, ଗାଁଗହଳିର ଦେବୀପୀଠ ଏବଂ ପଶ୍ଚିମ ଓଡ଼ିଶାର ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀଙ୍କ ନବରାତ୍ରି ଉପାସନା ଏହି ଭକ୍ତିଧାରାର ବିଭିନ୍ନ ରୂପକୁ ଉଜାଗର କରେ । ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳର ପରମ୍ପରା ଏକାଭଳି ନୁହେଁ; କେଉଁଠି ଦେବୀଙ୍କ ମନ୍ଦିରରେ ଦୀର୍ଘକାଳୀନ ପୂଜାବିଧି ପାଳନ ହୁଏ, ତ ଅନ୍ୟ କେଉଁଠି ସାର୍ବଜନୀନ ମଣ୍ଡପରେ ଦୁର୍ଗାପୂଜା ସାମୂହିକ ଉତ୍ସବର ରୂପ ନିଏ । ଏହି ବିବିଧତା ଓଡ଼ିଶାର ସାଂସ୍କୃତିକ ସମୃଦ୍ଧିର ପରିଚୟ । ନବରାତ୍ରିର ଆଉ ଏକ ପ୍ରମୁଖ ଦିଗ ହେଉଛି ନାରୀଶକ୍ତିର ସମ୍ମାନ । ଦେବୀ ଦୁର୍ଗାଙ୍କୁ ଶକ୍ତି, ସାହସ, ସୁରକ୍ଷା ଓ ଅନ୍ୟାୟର ବିନାଶର ପ୍ରତୀକ ଭାବେ ପୂଜା କରାଯାଏ । ଏହା ଆମକୁ ମନେ ପକାଇଦିଏ ଯେ ନାରୀ କେବଳ ପରିବାରର ଦାୟିତ୍ୱ ବହନ କରୁଥିବା ଜଣେ ସଦସ୍ୟ ନୁହନ୍ତି; ସେ ଶିକ୍ଷା, ଅର୍ଥନୀତି, ବିଜ୍ଞାନ, ପ୍ରଶାସନ, ରାଜନୀତି ଓ ସମାଜ ଗଠନରେ ସମାନ ଭାଗୀଦାର । ତେଣୁ ଦେବୀଙ୍କ ଆରାଧନା ସେତେବେଳେ ହିଁ ସାର୍ଥକ ହେବ, ଯେତେବେଳେ ଆମେ ନିଜ ଘର, ଶିକ୍ଷାନୁଷ୍ଠାନ, କର୍ମକ୍ଷେତ୍ର ଓ ସାର୍ବଜନୀନ ଜୀବନରେ ନାରୀଙ୍କୁ ସମ୍ମାନ, ସୁରକ୍ଷା ଓ ସମାନ ସୁଯୋଗ ଦେବା । କନ୍ୟାପୂଜାର ପରମ୍ପରା ଆମକୁ କନ୍ୟାଶିଶୁର ମର୍ଯ୍ୟାଦା ବୁଝାଏ; କିନ୍ତୁ ଏହି ମର୍ଯ୍ୟାଦା କେବଳ ପୂଜାର ଗୋଟିଏ ଦିନରେ ସୀମିତ ରହିବା ଉଚିତ ନୁହେଁ । କନ୍ୟାଶିଶୁର ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ସ୍ୱାଧୀନତା ଓ ସୁରକ୍ଷା ନିଶ୍ଚିତ କରିବା ହେଉଛି ଦେବୀ ଉପାସନାର ପ୍ରକୃତ ସାମାଜିକ ଅର୍ଥ । ଏହି ପର୍ବ ଓଡ଼ିଶାର ଅର୍ଥନୈତିକ ଜୀବନକୁ ମଧ୍ୟ ଗତିଶୀଳ କରେ । ପୂଜାମଣ୍ଡପ ନିର୍ମାଣ କରୁଥିବା କାରିଗର, ମୂର୍ତ୍ତିଶିଳ୍ପୀ, ଚାନ୍ଦିତାରକସି କାରିଗର, ରଙ୍ଗମିସ୍ତ୍ରି, ବିଦ୍ୟୁତ୍ ?କର୍ମୀ, ଫୁଲ ବ୍ୟବସାୟୀ, ବସ୍ତ୍ର ବିକ୍ରେତା, ମିଠା ଦୋକାନୀ, ଛୋଟ ବ୍ୟବସାୟୀ ଓ ଅସ୍ଥାୟୀ ଶ୍ରମିକଙ୍କ ପାଇଁ ଏହା ଆୟର ସୁଯୋଗ ସୃଷ୍ଟି କରେ । ବିଶେଷକରି କଟକର ଚାନ୍ଦିମେଢ଼ ଓ ମୂର୍ତ୍ତି ନିର୍ମାଣ ପରମ୍ପରା ସ୍ଥାନୀୟ କାରିଗରୀ ଦକ୍ଷତାକୁ ନୂଆ ପରିଚୟ ଦିଏ । ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସହରର ପୂଜାମଣ୍ଡପ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିବା ସହ ଛୋଟ ବ୍ୟବସାୟରେ ଚାହିଦା ବଢ଼ାଏ । ତଥାପି ଉତ୍ସବର ଅର୍ଥନୈତିକ ଲାଭକୁ କେବଳ ବଡ଼ ଆୟୋଜନର ଆକାରରେ ମାପିବା ଠିକ୍ ? ନୁହେଁ । ସ୍ଥାନୀୟ କାରିଗରଙ୍କୁ ନ୍ୟାୟସଙ୍ଗତ ପାରିଶ୍ରମିକ, ଛୋଟ ବ୍ୟବସାୟୀଙ୍କୁ ସୁଯୋଗ ଏବଂ ଶ୍ରମିକଙ୍କୁ ସମ୍ମାନ ମିଳିଲେ ହିଁ ଏହି ଉତ୍ସବର ସମୃଦ୍ଧି ସାଧାରଣ ଲୋକଙ୍କ ଜୀବନରେ ପହଞ୍ଚିପାରିବ । ନବରାତ୍ରିର ସାମାଜିକ ପ୍ରଭାବ ମଧ୍ୟ ଗଭୀର । ପୂଜାମଣ୍ଡପରେ ପଡ଼ ?ଶୀମାନେ ଏକାଠି ହୁଅନ୍ତି, ପରିବାରର ସଦସ୍ୟମାନେ ମିଳିତ ହୁଅନ୍ତି ଏବଂ ଦୀର୍ଘଦିନ ପରେ ଆତ୍ମୀୟଙ୍କ ସହ ଭାବ ବିନିମୟର ସୁଯୋଗ ମିଳେ । ଜାତି, ଭାଷା, ଆର୍ଥିକ ସ୍ଥିତି ଓ ସାମାଜିକ ପରିଚୟର ଭିନ୍ନତା ମଧ୍ୟରେ ସାମୂହିକ ଉତ୍ସବ ଲୋକଙ୍କୁ ଏକ ମଞ୍ଚରେ ଆଣିପାରେ । ଓଡ଼ିଶାର ଅନେକ ସ୍ଥାନରେ ଦୁର୍ଗାପୂଜା ସମୟରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଲୋକେ ପରସ୍ପରର ଉତ୍ସବକୁ ସମ୍ମାନ ଦେଇ ସହଯୋଗ କରନ୍ତି । ଏହା ସାମାଜିକ ସଦ୍ ?ଭାବର ଏକ ସୁନ୍ଦର ଉଦାହରଣ । ଧାର୍ମିକ ଆସ୍ଥା ବ୍ୟକ୍ତିଗତ ହୋଇପାରେ, କିନ୍ତୁ ତାହାରୁ ଜନ୍ମ ନେଉଥିବା ଦୟା, ସହଯୋଗ, ସେବା ଓ ମାନବିକତା ସମଗ୍ର ସମାଜର ସମ୍ପଦ । ତେଣୁ ଉତ୍ସବର ମୂଳ ଆତ୍ମା ହେବା ଉଚିତ ଏକତା, ନୁହେଁ ବିଭାଜନ; ସହିଷ୍ଣୁତା, ନୁହେଁ ଅସହିଷ୍ଣୁତା । ତେବେ ଆଧୁନିକ ସମୟରେ ନବରାତ୍ରି ପାଳନ ସହ କେତେକ ଚ୍ୟାଲେଞ୍ଜ ମଧ୍ୟ ଯୋଡ଼ି ହୋଇଛି । ଅତ୍ୟଧିକ ଶବ୍ଦ, ଅନାବଶ୍ୟକ ଖର୍ଚ୍ଚ, ଯାତାୟାତ ଅବ୍ୟବସ୍ଥା, ପ୍ଲାଷ୍ଟିକ୍ ? ଆବର୍ଜନା ଓ ପରିବେଶ ପ୍ରଦୂଷଣ ଉତ୍ସବର ଆନନ୍ଦକୁ ମଳିନ କରିପାରେ । ଭକ୍ତିର ଅର୍ଥ ଅନ୍ୟମାନଙ୍କ ଅସୁବିଧା ବଢ଼ାଇବା ନୁହେଁ । ଧ୍ୱନିବର୍ଦ୍ଧକର ବ୍ୟବହାରରେ ନିୟମ ପାଳନ, ଅଗ୍ନି ଓ ବିଦ୍ୟୁତ୍ ? ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ରାସ୍ତା ଅବରୋଧ ନକରିବା ଏବଂ ଆବର୍ଜନାର ସଠିକ୍ ? ପରିଚାଳନା ପ୍ରତ୍ୟେକ ଆୟୋଜକଙ୍କ ଦାୟିତ୍ୱ । ପରିବେଶ ଅନୁକୂଳ ସାଜସଜ୍ଜା, ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀ ଓ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଲେ ଉତ୍ସବ ଅଧିକ ଦାୟିତ୍ୱପୂର୍ଣ୍ଣ ହୋଇପାରିବ । ଅନ୍ୟପଟେ, ଦେବୀଙ୍କ ନାମରେ ଅତ୍ୟଧିକ ପ୍ରତିଯୋଗିତା ଓ ଦେଖାଦେଖିର ମନୋଭାବ ଉତ୍ସବର ଆଧ୍ୟାତ୍ମିକ ଉଦ୍ଦେଶ୍ୟକୁ ଦୁର୍ବଳ କରିପାରେ । ଭକ୍ତିର ମୂଲ୍ୟ ମଣ୍ଡପର ଉଚ୍ଚତା, ସାଜସଜ୍ଜାର ଚମକ କିମ୍ବା ଖର୍ଚ୍ଚର ପରିମାଣରେ ନୁହେଁ; ଏହା ମଣିଷର ଆଚରଣ, ମନର ପବିତ୍ରତା ଓ ଅନ୍ୟଙ୍କ ପ୍ରତି ସମ୍ବେଦନଶୀଳତାରେ ପ୍ରକାଶ ପାଏ । ନବରାତ୍ରି ଯୁବପିଢ଼ି ପାଇଁ ମଧ୍ୟ ଏକ ଶିକ୍ଷାର ଅବସର । ଦେବୀଙ୍କ ନଅଟି ରୂପକୁ ସାହସ, ଧୈର୍ଯ୍ୟ, ଶୃଙ୍ଖଳା, ଜ୍ଞାନ, ସୃଜନଶୀଳତା ଓ କର୍ତ୍ତବ୍ୟବୋଧର ପ୍ରତୀକ ଭାବେ ବୁଝିଲେ ଏହି ପର୍ବ ଯୁବମନରେ ସକାରାତ୍ମକ ଚେତନା ଜାଗ୍ରତ କରିପାରିବ । ଛାତ୍ରଛାତ୍ରୀମାନେ ଏହି ସମୟରେ ସେବାକାର୍ଯ୍ୟ, ରକ୍ତଦାନ ସଚେତନତା, ଅସହାୟଙ୍କୁ ସହାୟତା, ବୃକ୍ଷରୋପଣ ଓ ସ୍ୱଚ୍ଛତା ଅଭିଯାନରେ ଯୋଗଦେଇ ପର୍ବକୁ ଜନକଲ୍ୟାଣ ସହ ଯୋଡ଼ିପାରନ୍ତି । ଏହା ଧାର୍ମିକ ଭାବନାକୁ ସାମାଜିକ ଦାୟିତ୍ୱରେ ପରିଣତ କରିବ । ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବାରେ ମଧ୍ୟ ଏହି ପର୍ବର ଭୂମିକା ରହିଛି । ମୂର୍ତ୍ତି ନିର୍ମାଣ, ତାରକସି କାମ, ପାରମ୍ପରିକ ସଙ୍ଗୀତ, ନୃତ୍ୟ ଓ ଲୋକକଳା ଆମ ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରେ । ଏହି କଳାକୁ ସୁରକ୍ଷା ଦେବା, କାରିଗରଙ୍କ ଦକ୍ଷତାକୁ ପ୍ରୋତ୍ସାହନ ଦେବା ଏବଂ ପରମ୍ପରାକୁ ଆଧୁନିକ ସୃଜନଶୀଳତା ସହ ଯୋଡ଼ିବା ଆମ ସମସ୍ତଙ୍କ କର୍ତ୍ତବ୍ୟ । ଶେଷରେ, ନବରାତ୍ରିର ପ୍ରକୃତ ସନ୍ଦେଶ ହେଉଛି ନିଜ ଭିତରେ ଥିବା ଦୁର୍ବଳତାକୁ ଚିହ୍ନିବା ଓ ତାହାକୁ ଜୟ କରିବା । ଦେବୀଙ୍କ ଆରାଧନା ଆମକୁ ଶକ୍ତି ଦିଏ, କିନ୍ତୁ ସେହି ଶକ୍ତିକୁ ନ୍ୟାୟ, ସେବା, ସମାନତା ଓ ମାନବିକତା ପାଇଁ ବ୍ୟବହାର କରିବା ଆମର ଦାୟିତ୍ୱ । ଓଡ଼ିଶାର ଲୋକେ ଯଦି ଏହି ପର୍ବକୁ କେବଳ ପୂଜା ଓ ଆନନ୍ଦରେ ସୀମିତ ନରଖି ନାରୀ ସମ୍ମାନ, ଦୁର୍ବଳଙ୍କ ସୁରକ୍ଷା, ସାମାଜିକ ସଦ୍ ?ଭାବ, ପରିବେଶ ସଂରକ୍ଷଣ ଓ ନୈତିକ ଜୀବନର ସଂକଳ୍ପ ସହ ପାଳନ କରିବେ, ତେବେ ନବରାତ୍ରିର ଆଲୋକ ପୂଜାମଣ୍ଡପରୁ ବାହାରି ପ୍ରତ୍ୟେକ ଘର, ପ୍ରତ୍ୟେକ ହୃଦୟ ଓ ସମଗ୍ର ସମାଜକୁ ଆଲୋକିତ କରିବ । ଏହା ହିଁ ଶକ୍ତି ଉପାସନାର ସାର୍ଥକତା ଏବଂ ଏକ ସୁସଂସ୍କୃତ, ସମାନତାଭିତ୍ତିକ ଓ ସମୃଦ୍ଧ ଓଡ଼ିଶା ଗଠନର ପ୍ରକୃତ ପଥ ।

# ଜନଜାତି କଳା, ସ୍ଥାପତ୍ୟ ଓ ହସ୍ତଶିଳ୍ପ

ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଜନଜାତି ସଂସ୍କୃତି ଓ ପରମ୍ପରାରେ କଳା ଓ ସ୍ଥାପତ୍ୟ ଶିଳ୍ପର ଏକ ବିଶେଷ ଭୂମିକା ରହିଛି । ଆଜି ଓଡ଼ିଶାର ରାୟଗଡ଼ା ଓ ଗଜପତି ଜିଲ୍ଲାରେ ବସବାସ କରୁଥିବା ସଉରା ଜନଜାତିଙ୍କ ଚିତ୍ରକଳା 'ଇଡିତାଲ' କେବଳ ରାଜ୍ୟ କାହିଁକି ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିପାରିଛି । ଏହା ଏକ ପ୍ରକାର ଝୋଟି ଚିତା ପର୍ଯ୍ୟାୟର ଚିତ୍ରକଳା ଏବଂ ବିଶେଷକରି କାନ୍ଥରେ ଅଙ୍କନ କରାଯାଇଥାଏ । ଚଳଚ୍ଚିତ୍ର ଦୁନିଆରେ ଆଦିବାସୀଙ୍କ ଅଳଙ୍କାରର ଗୋଟିଏ ବିଶେଷ ଭୂମିକା ରହିଛି । ଆଦିବାସୀ ଅଳଙ୍କାରର ସ୍ୱାତନ୍ତ୍ର୍ୟ ରହିଛି । କୋରାପୁଟ ଅଞ୍ଚଳ ଆଦିବାସୀ ଅଳଙ୍କାରର ଏକ ସ୍ୱତନ୍ତ୍ର ବଜାର ରହିଛି । ଓଡ଼ିଶଶର ଏସବୁ ଆଦିବାସୀ ଅଳଙ୍କାର ଦେଶ ବିଦେଶକୁ ରପ୍ତାନୀ କରାଯାଉଛି । କେନ୍ଦୁଝରର ଜୁଆଙ୍ଗ ଜନଜାତିଙ୍କ କାଠ ଖୋଦେଇ ସ୍ଥାପତ୍ୟର ଏକ ନିଆରା ଭାଉ ରହିଛି । ଜୁଆଙ୍ଗମାନେ ସେମାନଙ୍କର ମଣ୍ଡଘର ପାଇଁ କାଠରେ ଖୋଦେଇ କରି ନାନା ପ୍ରକାର ଆକର୍ଷଣୀୟ କାରୁକାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି । ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଅଞ୍ଚଳର ଲୋଧା, ମାଙ୍କଡିଆ ଓ ଅନ୍ୟ ଆଦିବାସୀମାନେ ବାଉଁଶ ପାତିଆକୁ ବ୍ୟବହାର କରି ଆକର୍ଷଣୀୟ ଉପକରଣ ଓ ସ୍ଥାପତ୍ୟକଳା ନିର୍ମାଣ କରିଥାନ୍ତି । ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଆଦିବାସୀମାନେ ପାରମ୍ପରିକ ଲାଖ ଓ କାଠ ଶିଳ୍ପ ପାଇଁ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିପାରିଛନ୍ତି ।

ବହୁ ପ୍ରାଚୀନ କାଳରୁ ଜନଜାତିମାନେ ଜୀବନ ଧାରଣ ପାଇଁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟରୁ ଘରେ ବ୍ୟବହୃତ ବସ୍ତୁ, ଅଳଙ୍କାର, କୃଷି ଉପକରଣ, ଜଳ ପାତ୍ର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ସବୁ ତିଆରି କରୁଥିଲେ । କିନ୍ତୁ ଆଧୁନିକତାର ଆଢୁଆଳରେ ସେ ସବୁର ବ୍ୟବହାର କମିବାରେ ଲାଗିଛି । ଆଜିର ସୂଚନାପ୍ରଯୁକ୍ତିର ଯୁଗରେ ହାତ ପାହାନ୍ତାରେ ଥିବା ମୋବାଇଲର ୟୁଟ୍ୟୁବରେ ଜନଜାତିଙ୍କ ଅନେକ ପ୍ରତିଭା ଓ ବିକାଶ ପୃଥିବୀର କୋଣଅନୁକୋଣ ପର୍ଯ୍ୟନ୍ତ ପ୍ରସାରିତ ହେଲାଣି ।

କେବଳ ମାଟି ପାତ୍ରର ଉପକରଣ ନୁହେଁ ବାଉଁଶ ଠାରୁ ଘାସପତ୍ର, ଗଛ ବକଳ ଠାରୁ ମଞ୍ଜି ଏସବୁ ଭିତରେ ପାରମ୍ପରିକ ଅପୂର୍ବ ହସ୍ତ କୌଳିକ ବୃତ୍ତି ଓ ଆଦିମ ହସ୍ତକଳାକୁ ଜନଜାତିମାନେ ଆଗେଇ ନେଉଛନ୍ତି । ଯେପରି ତାଇ ଫଳରୁ ଝାମ୍ପି ବା ପାଉଁଜି ତିଆରି କରାଯାଉଛି । ପ୍ରଥମେ ତାଇ ଫଳକୁ ଗରମ ପାଣିରେ ଫୁଟାଇ ତାକୁ ନରମ କରି ତା ମଧ୍ୟରେ ଛିଦ୍ର କରାଯାଏ । ପରେ ତାହା ମଧ୍ୟରେ ଘୁଙ୍ଗୁର ଦେଇ ପାଉଁଜି ପରି ବ୍ୟବହାର କରାଯାଏ । ଏହାକୁ ପାରମ୍ପରିକ ପୂଜାପର୍ବାଣୀରେ କାଠି ନାଚ ସମୟରେ ପିନ୍ଧି ନୃତ୍ୟ ପରିବେଷଣ କରାଯାଏ । ସେହିପରି ଗୁଞ୍ଜି ମଞ୍ଜି ବା କାଇଁଚ ଭାବେ ଜଣାଶୁଣା ମଞ୍ଜିରୁ ବିଭିନ୍ନ ପ୍ରକାର ମାଳା କରି ଜନଜାତି ମହିଳାମାନେ ପରିଧାନ କରନ୍ତି । ବିଶେଷକରି କନ୍ଧମାଳର ଡଙ୍ଗରିଆ କନ୍ଧ, ମାଲକାନାଗିରିର କୋଟିଆ, ପରଜା, କମାର, ଚକୋଟିଆ ଭୁଞ୍ଜିଆ ଜନଜାତି ଅନେକ ଅଳଙ୍କାର ଓ ହସ୍ତ ପ୍ରସ୍ତୁତ ସାମଗ୍ରୀମାନ ତିଆରି କରି ବଜାରରେ ପହଞ୍ଚାଇ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି । ଏହା ବ୍ୟତୀତ କୃଷି ଉପକରଣ ମଧ୍ୟରେ ପତଳା ବାଉଁଶ ପାତିରୁ ଓ ପ୍ଲାଷ୍ଟିକରୁ ଛାତୋଡ଼ି ବା ବାଉଁଶ ଟୋପି ତିଆରି କରାଯାଇଥାଏ । ଦକ୍ଷିଣ ଓଡ଼ିଶାରେ ଏହାକୁ ତଲାରି ବୋଲି କୁହାଯାଏ ।

ସେହିପରି ବାଦ୍ୟଯନ୍ତ୍ର ମଧ୍ୟରେ ବାଉଁଶରୁ ତୁଡୁଙ୍ଗା (ପାରମ୍ପରିକ ବୀଣା) ବଇଁଶୀ, ଦାସକାଠିଆ, ଢ଼ୋଲ ଆଦି ତିଆରି କରାଯାଏ । ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଗଣ୍ଡ ଓ ଚାକୋଟିଆ ଭୁଞ୍ଜିଆ ଜନଜାତିମାନେ ମଧ୍ୟ ପାରମ୍ପରିକ ଭାବେ ବିଭିନ୍ନ ଅଳଙ୍କାର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ବ୍ୟାବହାରିକ ଉପକରଣ ତିଆରି କରି ପ୍ରାଚୀନ କଳାକୃତିକୁ ବଞ୍ଚାଇ ରଖିଛନ୍ତି । ଯେପରି ତୁମ୍ବା । ତୁମ୍ବା ହେଉଛି ଏକ ପ୍ରାକୃତିକ ସପାନୀୟ ଜଳ ବୋତଲ । ନୂଆପଡ଼ାର ଚାକୋଟିଆ ଭୁଞ୍ଜିଆ ଜନଜାତି ଲାଉ ତୁମ୍ବାରୁ ଏହାକୁ ତିଆରି କରନ୍ତି । ଅନେକ ହୁଏତ ଜାଣିନଥିବେ ରାୟଗଡ଼ା ଜିଲ୍ଲାର ସଉରା ଜନଜାତି ଦ୍ୱାରା ପ୍ରସ୍ତୁତ ତଲାରି, ଗୁଣୁପୁରର ରଥଯାତ୍ରା ସମୟରେ ବେଶ ବିକ୍ରି ହୋଇଥାଏ । ବର୍ଷାଦିନେ ଆଦିବାସୀ ଚାଷୀମାନଙ୍କ ପାଇଁ ଏହା ଅତ୍ୟନ୍ତ ମୂଲ୍ୟବାନ ସାବ୍ୟସ୍ତ ହୋଇଥାଏ । ଏହି ଜନଜାତିଙ୍କର ବିହନ ସଂରକ୍ଷଣ ବ୍ୟବସ୍ଥା ସର୍ବୋପରି ବିହନକୁ ଆର୍ଦ୍ରତା, କ୍ଷୟ ଓ କୀଟ ମାନଙ୍କ ଦୌରାତ୍ମ୍ୟରୁ ବଞ୍ଚାଇ ରଖିବା ପାଇଁ ଶିଆଳିପତ୍ର ଡିଲା ତିଆରି କରି ଥାଆନ୍ତି । ସେହିପରି ଚକୋଟିଆ ଭୁଞ୍ଜିଆ ଜନଜାତି ମାନଙ୍କର ଅନ୍ୟତମ ବୃତ୍ତି ହେଉଛି ଝରଣା, ଜଳାଶୟ ଓ ନଈରୁ ମାଛ ଧରିବା । ସେମାନେ ବାଉଁଶରେ ତିଆରି 'ଯୋଖନୀ', 'ଚୋରିଆ' ଭାବେ ଏହାକୁ ବଜାରରେ ମଧ୍ୟ ବିକ୍ରି କରିଥାନ୍ତି । ଏହି ଜନଜାତିର ମହିଳାମାନେ ମାଳିକୁ ମିଶାଇ ଏବଂ ପୁରୁଣା ପଇସାକୁ ଗୁନ୍ଥି ଚମତ୍କାର ମାଳି ପ୍ରସ୍ତୁତ କରିଥାନ୍ତି ।

ଏହିପରି ଓଡ଼ିଶାର ଜନଜାତି ସଂସ୍କୃତି ଓ ପରମ୍ପରା ସହ ନିବିଡ଼ ଭାବେ ଜଡ଼ିତ ଅନେକ ପାରମ୍ପରିକ କଳା, କାରିଗରୀ ଆଜି ଆଧୁନିକତାର ଆଢୁଆଳରେ ହଜିବାକୁ ବସିଲାଣି । ଯାହା ପ୍ରାୟତଃ ଦେଖିବାକୁ ମିଳୁନାହିଁ । ଏହାକୁ ଦେଖିବାକୁ କିମ୍ବା ଜାଣିବାକୁ ହେଲେ ସଂଗ୍ରହାଳୟ ଓ ବହିର ସାହାରା ନେବାକୁ ପଡୁଛି । ଏହାକୁ ଦୃଷ୍ଟିରେ ରଖି ଏହି ପାରମ୍ପରିକ ହସ୍ତଶିଳ୍ପକୁ ବଞ୍ଚାଇ ରଖିବାର ବିଭିନ୍ନ ସ୍ତରରେ ପ୍ରୟାସ ହେଉଛି । ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ସମନ୍ୱିତ କୃଷିର ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ (ଏସପିପିଆଇଏଫ) ଅଧୀନରେ ୨୦୨୩ ମସିହାରେ ଆରମ୍ଭ ଫର୍ଗଟନ ଫୁଡ ବା ବିସ୍ମୃତ ଖାଦ୍ୟ କାର୍ଯ୍ୟକ୍ରମ ଜରିଆରେ ଏଥିପାଇଁ ପ୍ରୋତ୍ସାହନ ଦିଆଯାଉଛି । ବିଭିନ୍ନ କଳାକୃତିର ପ୍ରଦର୍ଶନୀ କରିଂଜାର ସୁବିଧା ଏବଂ ରୋଜଗାର ସୃଷ୍ଟି କରାଯାଇଛି ।

ବର୍ତ୍ତମାନ ଆମ ରାଜ୍ୟରେ ଜନଜାତିଙ୍କ ଆର୍ଥିକ ବିକାଶ ପାଇଁ ଉଭୟ ଆଇଟିଡିଏ ଏବଂ ଅଣୁ ପ୍ରକଳ୍ପ ଜରିଆରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି । କେବଳ ଆଇଟିଡିଏ ଏବଂ ମାଇକ୍ରୋ ପ୍ରୋଜେକ୍ଟ କାହିଁକି, ବରଂ ବ୍ଲକ ପଞ୍ଚାୟତ, କ୍ଷୁଦ୍ର ମଧ୍ୟମ ଜଳସେଚନ ପ୍ରକଳ୍ପ, ଜଳଛାୟା ମିସନ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଠା ଜଳସେଚନ ପ୍ରକଳ୍ପ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମାଛ ଚାଷ ବିଭାଗ ଆଦି ବିଭିନ୍ନ ସରକାରୀ ବିଭାଗ ମାଧ୍ୟମରେ ମଧ୍ୟ ଜନଜାତିଙ୍କର ଆର୍ଥିକ ବିକାଶ ପାଇଁ ଟଙ୍କା ଖର୍ଚ୍ଚ ହେଉଛି । ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି । ସେଗୁଡ଼ିକ ହେଲା ଏମଏମଜେଜେ ଏମ୍ ଯାହାକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କୁହାଯାଉଛି । ଏହି ଯୋଜନା ମାଧ୍ୟମରେ କୃଷି, ଉଦ୍ୟାନକୃତି ଓ ଜୀବିକାର ବିକାଶ ପାଇଁ ଆଦିବାସୀଙ୍କୁ କୁକୁଡ଼ା, ଛେଳି, ବତକ ବିଭିନ୍ନ ପନିପରିବା ବିହନ, ମଞ୍ଜି, ଚାରା, ସାର ଔଷଧ ଯୋଗାଇ ଦେବା ସହିତ ଜଳସେଚନର ସୁବିଧା ପାଇଁ ଚେକ ଡ୍ୟାମ ଓ ଗଭୀର ନଳକୂପ ନିର୍ମାଣ କରାଯାଉଛି । ସେହିପରି ଭିଡ଼ିଭିକେ ଅର୍ଥାତ୍ ଜନଧନ ବିକାଶ କାର୍ଯ୍ୟକ୍ରମ । ଏହି ଯୋଜନା ମାଧ୍ୟମରେ ଆଦିବାସୀମାନେ ସଂଗ୍ରହ କରୁଥିବା ପାରମ୍ପରିକ ବନଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ଯାହାକୁ ଭାଲ୍ୟୁଆଡ଼ିସନ ଭାବେ ବୁଝାଯାଏ, ଆର୍ଥିକ ସହାୟତା ଯୋଗାଇ ଦିଆଯଉଛି । ବିଶେଷକରି ଆମ୍ବରୁ ଆମ୍ବଷଢ଼ା, ଆମ୍ବ ଆଚାର, ପଣସ ଚିପସ୍, ପଣସ କେକ, ପସଣ ଚକୋଲେଟ, ଶାଳପତ୍ର ଖଲି, ଦନା, ପ୍ଲେଟ ଆଦି ପ୍ରସ୍ତୁତ କରି ଆଦିବାସୀମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ଆର୍ଟିକିଲ ୨୭୫ ଏହି ଯୋଜନା ମାଧ୍ୟମରେ ଦୁର୍ଗମ ଆଦିବାସୀବହୁଳ ଅଞ୍ଚଳକୁ ରାସ୍ତା ଓ ପୋଲି ନିର୍ମାଣ କରାଯାଉଛି । ଏସସିଏ ଅର୍ଥ ସ୍ୱତନ୍ତ୍ର କେନ୍ଦ୍ର ଅନୁଦାନ ଏହି ଯୋଜନା ଜରିଆରେ ଆଦିବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇ ପାଇଁ ଡ୍ରାଗନ ଚାଷ, ପଣସ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା, ଷ୍ଟ୍ରବେରୀ ଚାଷ, ଚେକ ଡ୍ୟାମ ନିର୍ମାଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଡିଏଜେଜିୟୁଏ ଅର୍ଥ ଧରତ୍ରୀ ଅବା ଜନଜାତି ଗୌରବ ଉତ୍କର୍ଷ ଅଭିଯାନ । ଏହି ଯୋଜନା ଜରିଆରେ ଆଦିବାସୀ ଗ୍ରାମ ଗୁଡ଼ିକର ବିକାଶ ପାଇଁ ଖର୍ଚ୍ଚ ହେଉଛି । ପିଏମଏଏଜିଓ୍ୱାଇ ଅର୍ଥ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଅଭିଯାନ । ଏହି ଯୋଜନା ଜରିଆରେ ଭିତ୍ତିଭୂମି ବିକାଶ ଯଥା ରାସ୍ତା,ପୋଲ, କଲଭର୍ଟ ନିର୍ମାଣ କରାଯାଉଛି । ମୋଟ ଭାଷାରେ କହିବାକୁଗଲେ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ତଥା ଶିକ୍ଷା ଯୋଗୁଁ ଜନଜାତି ଗୋଷ୍ଠୀରେ ଅନେକ ପରିବର୍ତ୍ତନ ଦେଖାଯାଇଛି । ଓଡ଼ିଶାର ଅନେକ ଜନଜାତି ବ୍ୟକ୍ତିତ୍ୱ ଦେଶ ବିଦେଶରେ ବେଶ ସୁନାମ ଅର୍ଜନ କରିଥିବାବେଳେ ତଥାପି ଜନଜାତି ମାନଙ୍କ ଅଗ୍ରଗତି ଓ ବିକାଶ ନିମିତ୍ତ ଆହୁରି ଯୋଜନା ଓ ପ୍ରୋତ୍ସାହନର ବଡ଼ ଗୁରୁତ୍ୱ ଆଶା ରଖିଛି ।

'ବିଭବ' ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୭୦୦୮୭୫୨୩୧୭
E-mail : drbichitranandaacharya@gmail.com

# ବରୁଣଙ୍କ ପାଶଆୟୁଧ, ପବନଙ୍କ ଗଦା ଆୟୁଧ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଚାରିଦିଗ + ଚାରିକୋଣ + ଅଧ + ଉର୍ଦ୍ଧ = ୧୦ ଦିଗ । ଏହା ଏକ ସ୍ଫଟିକ କ୍ୱାର୍ଜର ଲମ୍ବ ସ୍ଥଇତିର ନମୁନାର ବୃହତ ରୂପ ସବୁ ଦିଗକୁ ଏକ କେନ୍ଦ୍ର ବିନ୍ଦୁରୁ ରେଖା ୧୦ଟି ଟାଣିଲେ ଯେପରି ହୋଇଥାଏ । ସେହିପରି ପୃଥିବୀର ଯେ କୌଣସି ସ୍ଥାନରେ ଏ ସ୍ଥିତି ସମାନ ରହିବ । ଦଶ ଭୁଜା ହିଁ ଏହି ଧାରଣାରେ ଆସେ । ଦଶ ଭୁଜା ଅସୁର ତ୍ରାସ କାରି ଶକ୍ତି । ଏହାଙ୍କର ଅକାଳ ବୋଧନ ଶରତ ଋତୁରେ କରାଯାଉଛି ଶାରଦୀୟ ଦୁର୍ଗାପୂଜା, ପ୍ରକୃତି ଆସୁରୀ ଶକ୍ତି ଦ୍ୱାରା ସଦା ଆକ୍ରାନ୍ତ ଜଳବାୟୁ ଅସୁର ରୂପ ଧାରୀ । ଏ ସମୟରେ ହେଲେ କଥା ଶେଷ, ଧାନ ଫସଲ ଶେଷ ହୋଇଯିବ ଶାକମ୍ବରି ଧାନ କ୍ଷେତ୍ର ଉଜୁଡ଼ିବ ଫସଲ ନଉଠିଲେ ହାହାକାର । ଦୁର୍ଗାଙ୍କୁ ଦଶ ଆୟୁଧ, ଦଶ ହାତରେ ଦିକପାଳମାନେ ଧରାଇଛନ୍ତି ଏଥିରେ ବରୁଣାସ୍ତ୍ର ଓ ବାୟୁଙ୍କ ଗଦା, ଶିବଙ୍କ ମହାଶୂଳ ତାଙ୍କ ହସ୍ତରେ ଅଛି । ପ୍ରକୃତିକୁ ତଚ୍ଛନଚ୍ଛସର୍ବଦା ସ୍ୱସ୍ୱାର୍ଥନ୍ୱେଷୀ ମୁଷ୍ଟିମେୟ କରୁଥାନ୍ତି । ଯେନତେନ ପ୍ରକାରଣେ ଏକ ପଦବୀ ହାସଲ କରିବା ପ୍ରୟାସରେ ସେବା ବାହାନା କରି କାହାର ଚରଣଧରି ପଦବୀ ଡାକ ହାସଲ ପରେ ଲୋକଙ୍କ ଚୁଟି ଧରନ୍ତି । ରାବଣ ଏମିତି ଶିବ ତୋଷିବା ବ୍ୟକ୍ତି, ଯେ ଶିବଙ୍କ ତାଣ୍ଡବ ରଚନା କରି ତାର ରାଗ ଗାୟନସ୍ୱରର ଖୋଦ ସ୍ୱରକାର ହୋଇ ଦକ୍ଷିଣୀ ଶୈଳୀରେ ଗାଇ, ପଖ୍ୱାଜ ବଜାଇ ନଟରାଜଙ୍କୁ ନଚେଇ ପାରୁଥିଲେ । ବ୍ରହ୍ମାଙ୍କ ସେ ଅଣନାତି, ସୃଷ୍ଟି ରହସ୍ୟ ଯେ କଣ ତାହା ଜ୍ଞାନର ପରିସରରେ ନିଶ୍ଚୟ ଆସିଥିଲା । ହେଲେ ତାଙ୍କର ମାୟା ବୁଦ୍ଧିର ଉର୍ବର ମସ୍ତିଷ୍କ ତାଙ୍କ ମାତୃ ବଂଶର ଅନୁବଂଶୀ ଗୁଣର ଟାଣରେ ରହିଥିଲା । ମାଳି ରାକ୍ଷସ ତାର ଅଜା ।

ରାଜା ହୋଇ ସମ୍ମାନୀୟ ସଂସାର ତ୍ୟାଗୀ ଭେକରେ ପରର ନାରୀକୁ ତାଙ୍କ ସ୍ୱାମୀ, ଦେବରଙ୍କୁ କୌଶଳ ମାୟାରେ ଦୂରେଇ ଧର୍ମ ଭୟ ଦେଖାଇ ଗୃହାନ୍ତର କରାଇଲେ ଯୁକ୍ତି ଥିଲା ଯେ ଗୃହ ତ୍ୟାଗୀ, ସଂସାର ତ୍ୟାଗୀ ସେ କେବେ ସେପରି ମାୟା ସ୍ଥାନରୁ ଭିକ୍ଷାନ୍ନ ମାଧୁକରୀ ଗ୍ରହଣ କରନ୍ତି ନାହିଁ ସହସ୍ର ଗଣ୍ଠି ଅର୍ଥ ବନ୍ଧନ ସ୍ଥାନ ଏହା ଛାତ, ଛାମୁଣ୍ଡିଆରେ ଆସୁଛି । ବନ୍ଧନ ତଳେ ବାନ୍ଧିହୋଇ ସଂସାରୀ ଗୃହୀ ମାୟାରେ ଘାଣ୍ଟି ହୋଇ ବାସ କରନ୍ତି । ମୋର ମୋର ମୁଁ ମୁଁ ମାୟାରେ ଆଚ୍ଛାଦିତ ରହନ୍ତି, ଅତଏବ କୌଣସି ସଂସାର ତ୍ୟାଗୀ ଏପରି ଭିକ୍ଷା ଗ୍ରହଣ କରନ୍ତି ନାହିଁ । ଏହାଥିଲା ଧର୍ମବାଣୀ ହେଲେ ଉଚ୍ଚାରଣ ଆଚରଣ ପୁରା ଓଲଟ କରି ବଳପୂର୍ବକ ତାଙ୍କୁ ଭିଡ଼ି ନେଇ ପାଦ ଚଳାରେ ନୁହେଁ ଆକାଶ ମାର୍ଗରେ ସ୍ଥାନାନ୍ତର କରି ନେଇ ପଳାଇ ଥିଲେ । ରାବଣଙ୍କ କଳ୍ପିତ ମୁଣ୍ଡ ଥିଲା ପାଞ୍ଚ ଜ୍ଞାନେନ୍ଦ୍ରୀୟ ଓ ପାଞ୍ଚ କର୍ମେନ୍ଦ୍ରୀୟର ଅବୋଧ ଭାବନା ଓ ଅସଲଗ୍ନ ଅବ୍ୟବହାରୀକ ବୁଦ୍ଧିପୁଞ୍ଜା ମସ୍ତିଷ୍କର ମୁଣ୍ଡ । ଯାହା ଭବିଷ୍ୟତ ପରିଣାମ ଚିନ୍ତା କରି ପାରିନଥିଲା । ସବୁରେ ଛିଦ୍ର ଅଛି ତାହା ଭେଦ ହୋଇପାରେ ଏହା ବୋଧେ ଏପରି ବ୍ୟକ୍ତିତ୍ୱ ବୁଝିବାରେ ନଥାଏ । ଆମ ମହୋଦଧି ତଟ ଦେଶରେ ନୋଳିଆ ସାହି ସାଗର ମାଛରେ ତାଙ୍କ ଖାଦ୍ୟ ତାଙ୍କ ଜୀବିକା ହେଲେ ସେଠାରେ ଦିବ୍ୟାନ୍ନ ଯେ ଉପଲବ୍ଧ ତାଙ୍କର ଜ୍ଞାନ ନାହିଁ । ବଡ଼ ଦାଣ୍ଡରେ ଅନେକ ଜୀବିକା ଧାରୀ ବିନା ମାଛ ବିନା ମାଂସରେ ବୃତ୍ତିକରି ବଞ୍ଚୁଛନ୍ତି । ଏ ସଂସାର ଏମିତି । ଗଦା ପିଟଣା ମୁଗୁର ହାତୁଡି ଏସବୁ ଠୋକର ମରାଯାଇ କିଛି ନଷ୍ଟ କରାଯାଏ କିଛି ସୃଷ୍ଟି କରାଯାଏ । ଏ ଆୟୁଧ ପବନ ଦେବଙ୍କ ଆୟୁଧ, ବିଷ୍ଣୁଙ୍କ ଆୟୁଧ, ଦୁର୍ଗାଙ୍କ ବଗଳା ମାଆଙ୍କ ଆୟୁଧ ପବନପୁତ୍ର ହନୁମାନ ଭୀମସେନଙ୍କ ଆୟୁଧ । ସାଗର ଗର୍ଭରୁ ବାତ୍ୟା ସ୍ଥଳଭାଗକୁ ଭିଡ଼ି ଆସିବା ବେଳେ ଯେଉଁ ଛବିର ଲେଖ ଟିଭି ମୋବାଇଲରେ ପ୍ରଚାରିତ ହେଉଛି ତାହା ପବନ ଦେବଙ୍କର ହିଁ ମୁଦ୍ଗର ଗଦା ରୂପ । ସେ ମାନବ ନିର୍ମିତ ସୁନ୍ଦର ଅଟ୍ଟାଳିକାମାନ ଗରିବ ଖଡ଼ ବାଉଁଶ ମାଟି ନିର୍ମିତ କୁଟୀରକୁ ସେ ଗଦରେ ଛିନଛତ୍ର କରୁଛନ୍ତି । ବରୁଣଙ୍କ ଫାଶ ପଶାସ୍ତ୍ର ଜଳ ଏକ ବନ୍ଧନରେ ସମୁଦ୍ର ନଦୀ ରହିଛି ଯାହା ବିଶ୍ୱ ନିମୟ, କିନ୍ତୁ ମାନବୀୟ ବୁଦ୍ଧିକୁ ପରାହତ କରିବା ପ୍ରୟାସରେ ବରୁଣ ପାଶ ସୀମା ଲଂଘନ କରି ଯାଉଛି । ମାଟିରେ ଉତ୍ତାପ ମନୁଷ୍ୟ ନିଜେ ବଢ଼ାଉଛନ୍ତି ।

ଗଛ ମାନ କାଟୁଛନ୍ତି କଳ କାରଖାନା ବଢ଼ାଇ ଚାଲିଛନ୍ତି, ବହୁଯାନ ରାସ୍ତାରେ ଗଡୁଛି ଘରେ ଘରେ, ଏସି, ଚାଲିଛି ଖାଲି ଅଙ୍ଗାରକାମ୍ଳ ବାୟୁ ମଣ୍ଡଳରେ ବୋଝେଇ ହେବାରେ ଲାଗିଛି । ଶତକଡ଼ା ୧୦୦ରେ ଥିବା ୧୦୦ ବର୍ଷ ତଳର ବାୟୁମଣ୍ଡଳର ଉପାଦାନ ଏବେ ଭାଗ ତୁଳନାରେ ଘୋର ପରିବର୍ତ୍ତନ ହୋଇଛି ଆଗକୁ ଆହୁରି ହେବ । ଏହା ବରୁଣ ଫାଶ ନେଟୱାର୍କ ଧରି ସାଙ୍ଘାତିକ ଜଳ ପ୍ଲାବନ କରାଉଛନ୍ତି । ବରୁଣ ପବନ ପଶ୍ଚିମ ଦିଗ ଅଧରୁ ବାୟୁ କୋଣ ଯାଏ କ୍ଷେତ୍ରାଧିକାରୀ କରି ଯେ କୌଣସି ସ୍ଥାନ ବାଛି ଏହି କୋଣ ଦିଗକୁ ଦୂର ବୀକ୍ଷଣକଲେ ଚାହିଁଲେ ଏହା ପ୍ରଶାନ୍ତ ମହାସାଗର ଅଶାନ୍ତ ହେବା । ଆଟଲାଣ୍ଟିକ ମହାସାଗର ଉତ୍ତର ମେରୁ ସାଗରରୁ ମୋରୁ ବରଫ ତରଳା ଜଳ ଉପରୁ ବୋହି ଆସିବାର ଅନୁଭବ ସୂକ୍ଷ୍ମ ବୁଦ୍ଧିରେ କରିପାରିବେ । ଏହା ତୁଷାର ଲିଙ୍ଗ ଅମରନାଥଙ୍କ ଠିକ ସାଦୃଶ୍ୟ ରକ୍ଷା ନାହିଁ । ବରଫ ଲିଙ୍ଗ ଜଳ ଲିଙ୍ଗରେ ପରିଣତ ହେଲେ ପ୍ରଳୟ ପୟୋଧି ଜଳେ ହେବ ହିଁ ହେବ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# 'ହୃଦୟେ ଭକ୍ତି, ଜୀବନେ ଶାନ୍ତି'

ସୁଶ୍ରୀ କଳ୍ପନା ପଣ୍ଡା

ଆଧ୍ୟାତ୍ମିକତାକୁ କେବଳ ପୂଜାପାଠ ବା ମନ୍ଦିର ଯିବା ମଧ୍ୟରେ ସୀମିତ ନ ରଖି, ଯଦି ଆମେ ଏହାକୁ ନୈନ୍ଦିନ ଜୀବନର ଅଂଶ କରିବା, ତେବେ ଜୀବନର ପ୍ରତିଟି କ୍ଷେତ୍ରରେ ଶାନ୍ତି ଏବଂ ସନ୍ତୁଳନ ଆସିପାରିବ । ପ୍ରତିଦିନର ବ୍ୟସ୍ତତା ଭିତରେ ଭକ୍ତି କିପରି ଆମ ଜୀବନକୁ ପ୍ରଭାବିତ କରିବ ସେ ସଂପର୍କୀରେ ଆସନ୍ତୁ କିଛି ଆଲୋଚନା କରିବା ।

ସକାଳର ଶୁଭାରମ୍ଭ: ଦିନର ଆରମ୍ଭ ଯଦି ଭଗବାନଙ୍କ ନାମ ସ୍ମରଣ କିମ୍ବା କିଛି ସମୟର ନିରବ ପ୍ରାର୍ଥନା ସହିତ ହୁଏ, ତେବେ ସମଗ୍ର ଦିନଟି ପାଇଁ ମନରେ ଏକ ସକାରାତ୍ମକ ଶକ୍ତି ଏବଂ ସତେଜତା ବଜାୟ ରହିଥାଏ ।

କାମରେ ଧୈର୍ଯ୍ୟ ଓ ସଞ୍ଜମ: ନୈନ୍ଦିନ କାମ କଲାବେଳେ ଅଫିସ୍ କିମ୍ବା ଘରୋଇ ଜୀବନରେ ବିଭିନ୍ନ ଅପ୍ରତ୍ୟାଶିତ ପରିସ୍ଥିତି ଏବଂ ସମସ୍ୟା ଆସିଥାଏ । ହୃଦୟରେ ଭକ୍ତି ଥିଲେ ବ୍ୟକ୍ତି କ୍ରୋଧିତ ନ ହୋଇ ଧୈର୍ଯ୍ୟର ସହିତ ସେହି ପରିସ୍ଥିତିର ମୁକାବିଲା କରିପାରେ ।

ସମ୍ପର୍କରେ ମଧୁରତା: ଯେଉଁ ବ୍ୟକ୍ତି ଭଗବାନଙ୍କୁ ସବୁଠାରେ (ପ୍ରତିଟି ଜୀବ ଭିତରେ) ଦେଖେ, ସେ ଅନ୍ୟମାନଙ୍କ ପ୍ରତି ଦୟାଭାବ, କ୍ଷମା ଏବଂ ସହଯୋଗର ମନୋଭାବ ପୋଷଣ କରେ । ଯଦ୍ୱାରା ପରିବାର ଓ ସମାଜରେ ସମ୍ପର୍କଗୁଡ଼ିକ ଅଧିକ ସୁନ୍ଦର ଓ ମଧୁର ହୋଇଥାଏ ।

ରାତିର ଶାନ୍ତ ନିଦ୍ରା: ସାରାଦିନର କର୍ମକ୍ଳାନ୍ତ ପରେ ଶେଷରେ ଯେତେବେଳେ ବ୍ୟକ୍ତି ନିଜର ଦିନସାରାର କର୍ମକୁ ଭଗବାନଙ୍କୁ ସମର୍ପଣ କରି ଶୋଇବାକୁ ଯାଏ, ସେତେବେଳେ ମନରେ କୌଣସି ଅଶାନ୍ତି କିମ୍ବା ଚିନ୍ତା ରହେନାହିଁ । ଫଳରେ ଏକ ଗଭୀର ଏବଂ ଶାନ୍ତ ନିଦ୍ରା ମିଳିଥାଏ ।

ତେବ ଏହାର ସାରକଥା ହେଲା ଯେ,ଭକ୍ତି କୌଣସି ସମୟ ନଷ୍ଟକାରୀ ବିଷୟ ନୁହେଁ, ବରଂ ଏହା ନୈନ୍ଦିନ କାମକୁ ଅଧିକ ଦକ୍ଷତା ଓ ଶାନ୍ତିର ସହିତ କରିବାର ଏକ ସଠିକ୍ କଳା ।

ଭକ୍ତି ଓ ଶାନ୍ତିର ଅନ୍ତର୍ନିହିତ ସମ୍ପର୍କ

'ହୃଦୟେ ଭକ୍ତି, ଜୀବନେ ଶାନ୍ତି' ଶୀର୍ଷକକୁ ଆଉ ଟିକେ ଗଭୀର ଭାବରେ ବିଚାର କଲେ ଜଣାପଡ଼ ଯେ ଏହା କେବଳ ଏକ ଧାର୍ମିକ ଚିନ୍ତାଧାରା ନୁହେଁ, ବରଂ ଏହା ମାନସିକ ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଜୀବନଯାପନର ଏକ ମହୌଷଧି ।

ମାନସିକ ଚାପର ଅବସାନ: ଆଜିର ଦୌଡ଼ ଜୀବନରେ ମଣିଷ ନିଜର ଇଚ୍ଛା ଓ ଆକାଂକ୍ଷା ପଛରେ ଧାଇଁ ଧାଇଁ କ୍ଳାନ୍ତ ହୋଇପଡୁଛି ।ଯେତେବେଳେ ବ୍ୟକ୍ତି ଜୀବନରେ ଭକ୍ତିର ପ୍ରବେଶ ହୁଏ, ସେତେବେଳେ 'ସବୁକିଛି ମୋ ନିୟନ୍ତ୍ରଣରେ ଅଛି' ଏହି ଅହଂକାର ଭାଙ୍ଗିଯାଏ ଏବଂ ମନରୁ ଅନାବଶ୍ୟକ ଚାପ ଦୂର ହୋଇଯାଏ ।

ଆତ୍ମସମର୍ପଣର ଆନନ୍ଦ: ଭକ୍ତିର ଅର୍ଥ ହେଉଛି ପରମପିତାଙ୍କ ନିକଟରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବା । ଏହି ସମର୍ପଣ ଭାବ ମଣିଷକୁ ନିର୍ଭୟ କରିଥାଏ । ଫଳସ୍ୱରୂପ, ଭବିଷ୍ୟତର ଚିନ୍ତା କିମ୍ବା ଅତୀତର ଅନୁତାପ ମନକୁ ଆଉ ବେଶୀ ସମୟ ଆଚ୍ଛନ୍ନ କରିପାରେ ନାହିଁ ।

କର୍ତ୍ତବ୍ୟନିଷ୍ଠା ଓ ସନ୍ତୋଷ: ପ୍ରକୃତ ଭକ୍ତ କେବେ କର୍ତ୍ତବ୍ୟରୁ ଦୂରେଇ ଯାଏ ନାହିଁ; ବରଂ ସେ ପ୍ରତିଟି କାମକୁ ଭଗବାନଙ୍କ ସେବା ଭାବି କରିଥାଏ । ଏହି ମନୋଭାବ ଯୋଗୁଁ କାମରେ ସଫଳତା ମିଳୁ କି ନ ମିଳୁ, ମନରେ ସର୍ବଦା ଏକ ଅଫୁରନ୍ତ ସନ୍ତୋଷ ଏବଂ ଶାନ୍ତି ବଜାୟ ରହିଥାଏ ।

ପରିଶେଷରେ ଏତିକି କହିବି; ବାହ୍ୟ ଜଗତର କୋଳାହଳ ଯେତେ ବେଶୀ ହେଉନା କାହିଁକି, ଯାହାଙ୍କ ଭିତରେ ଭକ୍ତିର ଦୀପ ପ୍ରଜ୍ୱଳିତ, ସେମାନଙ୍କ ଅନ୍ତର ଆତ୍ମା ସବୁବେଳେ ଶାନ୍ତ ଓ ପ୍ରସନ୍ନ ରୁହେ ।

କଚେରୀ ଗାଁ, କବୀରପୁର,
ଯାଜପୁର -୭୫୫୦୦୯



## ଭୂକମ୍ପରେ ପୁଣି ଥରିଲା ପାନାମା

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):** ପାନାମାରେ ପ୍ରକୃତି ନିଜର କୋପ ଦେଖାଇଛି। ଶୁକ୍ରବାର ଦିନ ଏକ ଶକ୍ତିଶାଳୀ ଭୂକମ୍ପ ପରେ, ସେହି ଅଞ୍ଚଳରେ ୬.୦ ତୀବ୍ରତା ବିଶିଷ୍ଟ ଆଉ ଏକ ଭୂକମ୍ପ ଅନୁଭୂତ ହୋଇଛି। ୟୁନାଇଟେଡ୍ ଷ୍ଟେଟ୍ସ ଜିଓଲୋଜିକାଲ୍ ସର୍ଭେ ଅନୁଯାୟୀ, ଏହି ଭୂକମ୍ପଟି 'ଲା ଟ୍ରୋନୋସା' ର ଉତ୍ତର ଦିଗରେ ୭ କିଲୋମିଟର ଦୂରତାରେ ରେକର୍ଡ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଏହା ପୂର୍ବରୁ ଶୁକ୍ରବାର ଦିନ ଦେଶର ଦକ୍ଷିଣ ଉପକୂଳରେ ଏକ ଭୟଙ୍କର ଭୂକମ୍ପ ହୋଇଥିଲା। ଏହାର ପ୍ରାରମ୍ଭିକ ତୀବ୍ରତା ୮.୦ ଆକଳନ କରାଯାଇଥିଲା, ଯାହା ପରେ ୭.୬ କୁ ଖସିଆସିଥିଲା। ଏହି ଭୟଙ୍କର କମ୍ପନ ସାରା ଦେଶରେ ଆତଙ୍କ ସୃଷ୍ଟି କରିଥିଲା । ଲୋକମାନେ ନିଜ ଜୀବନ ବଞ୍ଚାଇବା ପାଇଁ ମଲ୍, ଅଫିସ୍ ଓ ଘରୁ ବାହାରି ରାସ୍ତାକୁ ଦୌଡ଼ି ଆସିଥିଲେ।ପାନାମାର ଅନେକ ଅଞ୍ଚଳରେ କୋଠାବାଡ଼ି କ୍ଷତିଗ୍ରସ୍ତ ହୋଇଛି। ପେନୋନୋମେ ସହରରେ ଏକ ଐତିହାସିକ ଚର୍ଚ୍ଚର ଘଣ୍ଟା ଘର ଭୁଶୁଡ଼ି ପଡ଼ିଥିଲା ଏବଂ ରାସ୍ତାରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିଲା। ଭୁଶୁଡ଼ି ପଡ଼ିଥିବା ଅଂଶବିଶେଷ ଆଘାତରେ ଜଣେ ବ୍ୟକ୍ତି ଆହତ ହୋଇଥିବା ଖବର ମିଳିଛି। ରାଷ୍ଟ୍ରପତି ରାଉଲ୍ ମୁଲିନୋ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା କୌଣସି ମୃତ୍ୟୁ ହୋଇନଥିବା ନିଶ୍ଚିତ କରିଥିଲେ, ତଥାପି ସ୍ଥିତିର ସମୀକ୍ଷା କରାଯାଉଛି।ଏହା ବ୍ୟତୀତ, ରାଜଧାନୀ ପାନାମା ସିଟିରେ ଭୂକମ୍ପର ଝଟକା ଏତେ ଜୋର ଥିଲା ଯେ ଉଚ୍ଚା କୋଠାଗୁଡ଼ିକ ଦୋହଲିବାକୁ ଲାଗିଲା ଓ ସେଥିରେ ଫାଟ ସୃଷ୍ଟି ମଧଗୟ ହୋଇଥିଲା ଏବଂ ସୁଇମିଂ ପୁଲ୍ରୁ ପାଣି ବାହାରକୁ ଛିଟିକି ପଡ଼ିଲା। ଲୋକମାନେ ପାର୍କ ଏବଂ ଖୋଲା ପଡ଼ିଆରେ ରାତି କାଟିବାକୁ ବାଧ ହୋଇଥିଲେ।ଏହି ଭୟଙ୍କର ଭୂକମ୍ପ ପରେ ମଧ୍ୟ ଓ ଦକ୍ଷିଣ ଆମେରିକାର ବିଭିନ୍ନ ଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ସୁନାମି ସତର୍କତା ଜାରି କରାଯାଇଥିଲା। ପାନାମା, କୋଷ୍ଟା ରିକା, ଏଲ୍ ସାଲଭାଡୋର, ପେରୁ, ମେକ୍ସିକୋ, ଗୁଆଟେମାଲା, ନିକାରାଗୁଆ, କଲମ୍ବିଆ ଏବଂ ଇକ୍ୱାଡୋରର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସମ୍ଭାବ୍ୟ ବିପଦର ସମ୍ମୁଖୀନ ହୋଇଥିଲା।

### ଜାତିସଂଘରେ ଇସଲାମାବାଦକୁ କଡ଼ା ଚେତ୍ତାବନୀ

## ପାକିସ୍ତାନର ପରମାଣୁ ଧମକକୁ ଡରିବ ନାହିଁ ଭାରତ

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):**ପାକିସ୍ତାନର ପରମାଣୁ ବ୍ଲାକମେଲିଂ ଆଗରେ କେବେ ମୁଣ୍ଡ ନୁଆଁଇବ ନାହିଁ ଭାରତ। ଜାତିସଂଘ ମଞ୍ଚରେ ପାକିସ୍ତାନକୁ ଏଭଳି କଡ଼ା ଚେତାବନୀ ଦେଇଛି ନୂଆଦିଲ୍ଲୀ। ଜାତିସଂଘ ସାଧାରଣ ପରିଷଦର ପ୍ରଥମ କମିଟି ବୈଠକରେ ପାକିସ୍ତାନ ଜମ୍ମୁ ଓ କାଶ୍ମୀର ପ୍ରସଙ୍ଗ ଉଠାଇବା ପରେ ଭାରତ ନିଜର 'ରାଇଟ୍ ଅଫ୍ ରିପ୍ଲାଏ' ଅଧିକାର ବ୍ୟବହାର କରି ଏହାର ଦୃଢ଼ ଜବାବ ଦେଇଛି। ପରମାଣୁ ଅସ୍ତ୍ରକୁ ରାଷ୍ଟ୍ରନୀତି ପରିଚାଳନାର ସାଧାରଣ ଉପକରଣ ଭାବେ ବ୍ୟବହାର କରାଯିବା ଉଚିତ୍





ନୁହେଁ ବୋଲି ଭାରତ ସ୍ପଷ୍ଟ କରିଛି।ଜେନେଭାସ୍ଥିତ ନିରସ୍ତ୍ରୀକରଣ ସମ୍ମିଳନୀରେ ଭାରତର ସ୍ଥାୟୀ ମିଶନର ବରିଷ୍ଠ ପରାମର୍ଶଦାତା ଅନମୋଲ ଶେର ସିଂହ ବେଦୀ ଏହି ମନ୍ତବ୍ୟ ରଖିଛନ୍ତି। ସେ କହିଛନ୍ତି, ଜମ୍ମୁ ଓ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଏବଂ ଅଭିନ୍ନ ଅଙ୍ଗ। ଏହାକୁ ନେଇ ପାକିସ୍ତାନର କୌଣସି ଅଯଥା ହସ୍ତକ୍ଷେପକୁ ଭାରତ ଗ୍ରହଣ କରିବ ନାହିଁ। ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ଭାରତୀୟ ଅଞ୍ଚଳଗୁଡ଼ିକୁ ତୁରନ୍ତ ଖାଲି କରି ଫେରାଇ ଦେବାକୁ ସେ ଦାବି କରିଛନ୍ତି। ଭାରତ ସବୁବେଳେ ଶାନ୍ତି ଓ ସ୍ଥିରତା ସପକ୍ଷରେ ରହିଆସିଛି। କୌଣସି ପଡ଼ୋଶୀ ଦେଶ ସହ ସଂଘର୍ଷ ଚାହୁଁନାହିଁ। କିନ୍ତୁ ଶାନ୍ତିର ଅର୍ଥ ଦୁର୍ବଳତା ନୁହେଁ। ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହେଲେ ଭାରତ ଉପଯୁକ୍ତ ଜବାବ ଦେବ ବୋଲି ବେଦୀ ସ୍ପଷ୍ଟ କରିଛନ୍ତି।ଆତଙ୍କବାଦ ପ୍ରସଙ୍ଗରେ ମଧ୍ୟ ପାକିସ୍ତାନକୁ ଚେତାବନୀ ଦେଇଛି ଭାରତ। ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ରକାରୀ ଓ ଏହାକୁ ପ୍ରୋତ୍ସାହନ ଦେଉଥିବା ଶକ୍ତିଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରାଯିବ ନାହିଁ ବୋଲି କୁହାଯାଇଛି। ଗତବର୍ଷ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ହୋଇଥିବା 'ଅପରେସନ୍ ସିନ୍ଦୂର'ର ଉଦାହରଣ ଦେଇ ଭାରତ ନିଜର ଆତ୍ମରକ୍ଷା ଅଧିକାର ଉପରେ ଜୋର ଦେଇଛି। ପରମାଣୁ ଧମକ ଦେଇ ସୀମାପାର ଆତଙ୍କବାଦକୁ ସୁରକ୍ଷା ଯୋଗାଇବା ଆଞ୍ଚଳିକ ଶାନ୍ତି ପାଇଁ ବିପଜ୍ଜନକ ବୋଲି ଭାରତ କହିଛି। ଏଭଳି ଦାୟିତ୍ୱହୀନ ଆଚରଣ ଉତ୍ତେଜନା କମାଇବା ପରିବର୍ତ୍ତେ ସଂଘର୍ଷର ଆଶଙ୍କା ବଢ଼ାଇଥାଏ। ତେଣୁ ଶାନ୍ତି ପ୍ରତିଷ୍ଠା ପାଇଁ ଦାୟିତ୍ୱବୋଧ ଓ ଉତ୍ତରଦାୟିତ୍ୱ ଜରୁରୀ ବୋଲି ଜାତିସଂଘରେ ଭାରତ ନିଜର ସ୍ପଷ୍ଟ ଆଭିମୁଖ୍ୟ ରଖିଛି।

## ଲଢେଇ ଜାରି ରହିବ: ମମତା

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):**ମମତା ବାନାର୍ଜୀ ପଛକୁ ହଟି ନାହାନ୍ତି। ଦିଲ୍ଲୀରେ ଅଟକ ରହିବା ପରେ ମଧ ଏହି ଅଭିଜ୍ଞ ଷ୍ଟ୍ରିଟ୍ ଫାଇଟର ଜିଦ୍‌ରେ ଅଟଳ ରହିଛନ୍ତି। ସେ କହିଛନ୍ତି ଯେ, ସେ ଓ ତାଙ୍କ ଦଳର ସାଂସଦମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଥିଲେ କିନ୍ତୁ ସେମାନଙ୍କୁ ବସିବାକୁ ମଧ୍ୟ ଅନୁମତି ଦିଆଗଲା ନାହିଁ। ଆମେ ଚିନ୍ତା କରୁନାହୁଁ, ଆମେ ଭୟଭୀତ ନୁହେଁ। ସମସ୍ତେ ଜାଣନ୍ତି ଯେ ଦେଶରେ କ'ଣ ଘଟୁଛି। ଲଢେଇ ଜାରି ରହିବ ବୋଲି ମମତା କହିଥିଲେ।ପଶ୍ଚିମବଙ୍ଗର



ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଦଳ ତୃଣମୂଳ କଂଗ୍ରେସର ୫ ସାଂସଦ ଡେରେକ୍ ଓ'ବ୍ରାଏନ୍, ଡୋଲା ସେନ୍, ପ୍ରତିମା ମଣ୍ଡଳ, ସମିରୁଲ ଇସଲାମ ଓ ସାକେତ ଗୋଖଲେଙ୍କୁ ଶନିବାର ଦିଲ୍ଲୀରେ ତାଙ୍କ ବାସଭବନ ବାହାରେ ଅଟକ ରଖାଯିବା ପରେ କୌଣସି ଗୋଟିଏ ସ୍ଥାନକୁ ନିଆଯିବା ପରିବର୍ତ୍ତେ କଏଦୀ ଭ୍ୟାନରେ ଅଧଘଣ୍ଟା ଧରି ରାସ୍ତାରେ ବୁଲା ଯାଇଥିବା ଅଭିଯୋଗ ହୋଇଛି।ଏହା ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବ୍ୟତୀତ ଆଉ କିଛି ନୁହେଁ ବୋଲି ଟିଏମ୍‌ସି କହିଛି। ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କକ୍‌ରୋଚ ଜନତା ପାର୍ଟି ପକ୍ଷରୁ ଡକାଯାଇଥିବା ଆନ୍ଦୋଳନରେ ମମତା ଯୋଗଦେବେ ବୋଲି ପୂର୍ବରୁ ଘୋଷଣା କରିଥିଲେ।

## ଅଖିଳେଶଙ୍କ ଚ୍ୟାଲେଞ୍ଜକୁ ଗ୍ରହଣ କଲେ ଯୋଗୀ

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):** ଉତ୍ତରପ୍ରଦେଶ ରାଜନୀତିରେ ଏବେ ଅଯୋଧ୍ୟାକୁ ନେଇ ଆରମ୍ଭ ହୋଇଛି ନୂଆ ରାଜନୈତିକ ଲଢେଇ। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ଚ୍ୟାଲେଞ୍ଜକୁ ସିଧାସଳଖ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ବଳରାମପୁରର ଏକ ଜନସଭାରେ ଯୋଗୀ କହିଛନ୍ତି, ଅଖିଳେଶ ଅଯୋଧ୍ୟାରୁ ନାମାଙ୍କନ କରନ୍ତୁ, ସେ ମଧ୍ୟ ଅଯୋଧ୍ୟାରୁ ପ୍ରାର୍ଥୀ ହେବାକୁ ପ୍ରସ୍ତୁତ।ଏହା ପୂର୍ବରୁ ଅଖିଳେଶ ଯାଦବ ଦୁଇଦିନିଆ ଅଯୋଧ୍ୟା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଚ୍ୟାଲେଞ୍ଜ କରିଥିଲେ। ସେ କହିଥିଲେ, ଯଦି ଯୋଗୀ ନିଜ ଲୋକପ୍ରିୟତା ଉପରେ ଏତେ ଭରସା କରୁଛନ୍ତି, ତେବେ ଅଯୋଧ୍ୟାରୁ ନିର୍ବାଚନ ଲଢ଼ି ଦେଖାନ୍ତୁ। ଅଯୋଧ୍ୟାବାସୀ ଏହାର ଉତ୍ତର ଦେବେ ବୋଲି ମଧ୍ୟ ଅଖିଳେଶ କହିଥିଲେ।ଏହି ଚ୍ୟାଲେଞ୍ଜର ଜବାବ ଦେଇ ବଳରାମପୁରରେ ଯୋଗୀ କହିଥିଲେ ଯେ, ଅଯୋଧ୍ୟା ସେମାନଙ୍କ ପାଇଁ କେବଳ ରାଜନୀତିର ମଞ୍ଚ ନୁହେଁ, ଏହା ଆସ୍ଥା ଓ ବିକାଶର କେନ୍ଦ୍ର। ଯୋଗୀଙ୍କ କଥା ଅନୁସାରେ, ସେ ରାଜନୀତି ପାଇଁ ନୁହେଁ, ବିକାଶ ପାଇଁ ଅଯୋଧ୍ୟା ଯାଆନ୍ତି। ସେ ଅଖିଳେଶଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ କହିଥିଲେ—ଆପଣ ମଧ୍ୟ ନାମାଙ୍କନ କରନ୍ତୁ, ମୁଁ ମଧ୍ୟ କରିବି, ଏକଥର ଭାଗ୍ୟ ପରୀକ୍ଷା ହୋଇଯାଉ। ଜନସଭାରେ ଯୋଗୀ ପୂର୍ବତନ ସରକାରକୁ ମାଫିଆବାଦ, ଜମି ଦଖଲ ଏବଂ ଅରାଜକତା ପ୍ରସଙ୍ଗରେ ମଧ୍ୟ ଟାର୍ଗେଟ କରିଥିଲେ। ୨୦୧୭ ପୂର୍ବରୁ ବଳରାମପୁରର ସଡ଼କ ଅବସ୍ଥା ଖରାପ ଥିଲା ଏବଂ ମାଫିଆମାନେ ଭୟ ସୃଷ୍ଟି କରୁଥିଲେ ବୋଲି ସେ ଅଭିଯୋଗ କରିଥିଲେ। ବର୍ତ୍ତମାନ ସରକାର ଏହି ଅଞ୍ଚଳକୁ ବିକାଶ ଓ ସମ୍ଭାବନାର ଜିଲ୍ଲାରେ ପରିଣତ କରିବାକୁ କାମ କରୁଛି ବୋଲି ଯୋଗୀ ଦାବି କରିଛନ୍ତି।

## 'ଲାଠିମାଡ଼ ନୁହେଁ, ପ୍ରଶ୍ନର ଉତ୍ତର ଦିଅନ୍ତୁ ସରକାର'

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):**ଦିଲ୍ଲୀରେ କୋକ୍ରୋଚ ଜନତା ପାର୍ଟି (ସିଜେପି)ର ଜନ୍ତରମନ୍ତର ଆନ୍ଦୋଳନକୁ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା ଓ କଟକଣା ଉପରେ ବର୍ଷିଛନ୍ତି କଂଗ୍ରେସ ସାଂସଦ ଶଶି ଥରୁର। ନିର୍ବାଚନର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଉଥିବା ଲୋକଙ୍କୁ ଉତ୍ତର ଦେବା ପରିବର୍ତ୍ତେ ସରକାର ଦିଲ୍ଲୀକୁ ଏକ ଦୁର୍ଗରେ ପରିଣତ କରିଥିବା ସେ ଅଭିଯୋଗ କରିଛନ୍ତି। ଲାଠିମାଡ଼ ନୁହେଁ, ଜନସାଧାରଣଙ୍କ ପ୍ରଶ୍ନର ଉତ୍ତର ଦେବାକୁ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି ଥରୁର। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଥରୁର କହିଛନ୍ତି, ଯେଉଁ ସରକାର ନିଜ ନିର୍ବାଚନର ସ୍ୱଚ୍ଛତା ଉପରେ ବିଶ୍ୱାସ ରଖନ୍ତି, ସେମାନେ ପ୍ରଶ୍ନକୁ ସ୍ୱାଗତ କରିବା ଉଚିତ। ଦମନ ନୁହେଁ, ଲୋକଙ୍କୁ ମତପ୍ରକାଶର ସ୍ୱାଧୀନତା ଦିଆଯିବା ଆବଶ୍ୟକ। ବ୍ୟାରିକେଡ୍ ଲଗାଇ କିମ୍ବା ଆନ୍ଦୋଳନକାରୀଙ୍କୁ ଅଟକ ରଖି ନିର୍ବାଚନ କମିସନଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସ ଫେରାଇ ଅଣାଯାଇପାରିବ ନାହିଁ।ଥରୁରଙ୍କ ଦାବି ଅନୁସାରେ, ଦିଲ୍ଲୀରେ ପ୍ରତି କିଛି ଶହ ମିଟରରେ ଚେକ୍‌ପୋଷ୍ଟ ସ୍ଥାପନ କରାଯାଇଛି। ରାସ୍ତାରେ କଂକ୍ରିଟ୍ ବ୍ୟାରିକେଡ୍ ଓ ସ୍ପାଇକ୍ ଷ୍ଟ୍ରିପ୍ ଲଗାଯାଇଛି। ପ୍ରାୟ ୨୨ ହଜାର



ପୁଲିସ ଓ ଅର୍ଦ୍ଧସାମରିକ ବାହିନୀ କର୍ମଚାରୀଙ୍କୁ ମୁତୟନ କରାଯାଇଥିବା ବେଳେ ୨୫୦ଟି ଟ୍ରେନ୍ ବାତିଲ ଏବଂ ୪୫ଟି ମେଟ୍ରୋ ଷ୍ଟେସନ ବନ୍ଦ କରାଯାଇଥିବା ସେ କହିଛନ୍ତି। ରାତି ୨ଟା ପରେ ଦିଲ୍ଲୀ ଫେରି ଏଭଳି କଠୋର ସୁରକ୍ଷା ବ୍ୟବସ୍ଥା ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିବା ପ୍ରକାଶ କରିଛନ୍ତି। ଯୁବକମାନଙ୍କୁ ଘରୁ ଓ ରାସ୍ତାରୁ ଉଠାଇନେଇ ଅଟକ ରଖାଯାଉଥିବା ଅଭିଯୋଗ ଉପରେ ମଧ୍ୟ ସେ ଚିନ୍ତା ପ୍ରକାଶ କରିଛନ୍ତି। ଇଣ୍ଟରନେଟ୍ ସେବା ବନ୍ଦ ଏବଂ ଯାତାୟାତ କଟକଣାକୁ ଦମନକାରୀ ପଦକ୍ଷେପ ବୋଲି କହିଛନ୍ତି ଥରୁର। ମହିଳାଙ୍କ ସୁରକ୍ଷା ପାଇଁ କାହିଁକି ଏଭଳି ତତ୍ପରତା ଦେଖାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ପରିସ୍ଥିତିକୁ ଅଘୋଷିତ ଜରୁରୀକାଳୀନ ଅବସ୍ଥା ସହ ତୁଳନା କରି ଅଟକ ଥିବା ଲୋକଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି। ଶାନ୍ତିପୂର୍ଣ୍ଣ ପ୍ରତିବାଦ ଗଣତନ୍ତ୍ରର ଅଧିକାର ଏବଂ ଯୁବପିଢ଼ିଙ୍କୁ ଦମନ ନୁହେଁ, ନ୍ୟାୟ ମିଳିବା ଉଚିତ ବୋଲି ସେ କହିଛନ୍ତି।

## ଶିବସେନା ରିଲାଏନ୍ସରୁ ୨୫ କୋଟି ପାଇଛି

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):** ଭାରତରେ ସାଟେଲାଇଟ୍ ଇଣ୍ଟରନେଟ୍ ସେବା 'ଷ୍ଟାରଲିଙ୍କ୍' ପାଇଁ ବାଣିଜ୍ୟିକ ଲାଇସେନ୍ସ ପାଇବାରେ ବିଳମ୍ବକୁ ନେଇ ଟେସଲା ଏବଂ ସ୍ପେସଏକ୍ସର ସିଇଓ ଏଲନ ମସ୍କ ଭାରତର ପ୍ରମୁଖ ଶିଳ୍ପପତି ମୁକେଶ ଅମ୍ବାନୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ବିରୋଧରେ ଏକ ମୋର୍ଚ୍ଚା ଖୋଲିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରି ମସ୍କ ସିଧାସଳଖ ରିଲାଏନ୍ସ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ଟାର୍ଗେଟ କରିଛନ୍ତି।ଏଲନ ମସ୍କ ଭାରତରେ ରିଲାଏନସର ପ୍ରଭାବ ଏବଂ ଷ୍ଟାରଲିଙ୍କ୍ ପ୍ରବେଶରେ ବାଧା ସୃଷ୍ଟି କରିବା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଏବେ ମସ୍କ ବିଜେପି ଏବଂ ଶିବସେନାକୁ ମଧ୍ୟ ଏହି ବିବାଦରେ ଟାଣିଛନ୍ତି। ସେ କେତେକ ଗଣମାଧ୍ୟମରେ ପ୍ରକାଶିତ ଖବର ରିପୋର୍ଟର ସ୍କ୍ରିନସଟ୍ ସେୟାର କରିଛନ୍ତି। ରିପୋର୍ଟରେ ଦାବି କରାଯାଇଛି ଯେ, ରିଲାଏନ୍ସ ସହିତ ଜଡିତ କମ୍ପାନି କ୍ୱିକ୍ ସପ୍ଲାଏ ବିଜେପିକୁ ୩୮୫ କୋଟି ଟଙ୍କା ଏବଂ ଶିବସେନାକୁ ୨୫ କୋଟି ଟଙ୍କା ଦେଇଛି। ଦାବି କରାଯାଇଛି, ନିର୍ବାଚନୀ ବଣ୍ଡ ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକୁ ଦାନ କରୁଥିବା ତୃତୀୟ ସର୍ବବୃହତ କମ୍ପାନି କ୍ୱିକ୍ ସପ୍ଲାଏ, ୨୦୨୧-୨୨ ଏବଂ ୨୦୨୩-୨୪ ମଧ୍ୟରେ ୪୧୦ କୋଟି ଟଙ୍କାର ବଣ୍ଡ କିଣିଛି ଏବଂ ୨୫ କୋଟି ଟଙ୍କା ଛାଡି ସମ୍ପୂର୍ଣ୍ଣ ଦାନ ବିଜେପିକୁ ଦେଇଛି। ଅଲ ଜଜିରାର ରିପୋର୍ଟରେ ରିଲାଏନ୍ସ-ନିଧିକୃତ ଏକ କମ୍ପାନି ଫେସବୁକରେ ବିଜେପିର ପ୍ରଚାରକୁ କିପରି ପ୍ରୋତ୍ସାହିତ କରିଥିଲା ତାହା ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଆଇନଗତ ତ୍ରୁଟି ଏବଂ ନିୟମାବଳୀର ଚୟନମୂଳକ ପ୍ରୟୋଗ ଏକ ରିଲାଏନ୍ସ କମ୍ପାନି ନିର୍ବାଚନ ସମୟରେ ବିଜେପି ପ୍ରଚାର ପାଇଁ ଯଥେଷ୍ଟ ପରିମାଣର ଟଙ୍କା ଖର୍ଚ୍ଚ କରିଥିଲା।ଏଲନ ମସ୍କ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନାକୁ ୨୫ କୋଟି ଦାନ କରିଥିବା ଅଭିଯୋଗ ରାଜ୍ୟର ରାଜନୈତିକ ଦୃଶ୍ୟପଟକୁ ଉଷ୍ମ କରିବାର ଆଶଙ୍କା ରହିଛି। ଏନେଇ ଶାସକ ବିରୋଧୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ଏବଂ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ଏହି ପ୍ରସଙ୍ଗରେ ଏକନାଥେ ସିନ୍ଦେ ଏବଂ ମହାୟୁତି ସରକାରଙ୍କୁ ଘେରିବାର ଆଶଙ୍କା ମଧ୍ୟ ରହିଛି।ମସ୍କ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, ଷ୍ଟାରଲିଙ୍କକୁ ବିଶ୍ୱର ୧୬୫ରୁ ଅଧିକ ଦେଶରେ କାର୍ଯ୍ୟ କରିବା ପାଇଁ ଅନୁମତି ମିଳିଛି। କମ୍ପାନି ଗତ ପାଞ୍ଚ ବର୍ଷ ଧରି ଭାରତ ସରକାରଙ୍କ ପ୍ରତ୍ୟେକ ନିୟମକୁ ସମ୍ପୂର୍ଣ୍ଣ ଭାବରେ ପାଳନ କରିଛି। ଏହା ସତ୍ତ୍ୱେ ଷ୍ଟାରଲିଙ୍କକୁ ଏପର୍ଯ୍ୟନ୍ତ କାହିଁକି ଲାଇସେନ୍ସ ଦିଆଯାଇ ନାହିଁ ବୋଲି ସେ ପ୍ରଶ୍ନ କରି ପଚାରିଛନ୍ତି ଅମ୍ବାନୀ କ'ଣ ଭାରତର ପ୍ରକୃତ ମାଲିକ।ମସ୍କ ମୁକେଶ ଅମ୍ବାନୀଙ୍କୁ କଟାକ୍ଷ କରି ଲେଖିଛନ୍ତି, ସମ୍ମାନୀୟ ପ୍ରଧାନମନ୍ତ୍ରୀ ଅମ୍ବାନୀ, ଆପଣ ଭାରତର ପ୍ରକୃତ ମାଲିକ ବୋଲି ମୁଁ ଜାଣି ନଥିଲି। ଦୟାକରି ମୋର ବିନମ୍ର କ୍ଷମା ପ୍ରାର୍ଥନା ଗ୍ରହଣ କରନ୍ତୁ। ସ୍ପଷ୍ଟ ଭାବରେ, ଆପଣ ଭାରତର ଲୋକଙ୍କ ଉପରେ ଆପଣଙ୍କର ଏକଚାଟିଆ ଶୋଷଣ ଜାରି ରଖିବାକୁ ଚାହାନ୍ତି, କିନ୍ତୁ ଆପଣ କ'ଣ ଷ୍ଟାରଲିଙ୍କକୁ ପ୍ରତିଯୋଗିତା କରିବାକୁ ଅନୁମତି ଦେବା ବିଷୟରେ ବିଚାର କରିବେ କି ସମସ୍ତ ଦେଶ ପରି ଭାରତରେ ମଧ୍ୟ ଅନେକ ଅଞ୍ଚଳ ଅଛି ଯେଉଁଠାରେ ଇଣ୍ଟରନେଟ୍ ସୁବିଧାର ଅଭାବ ରହିଛି। ଏହା ପିଲାମାନଙ୍କୁ ଶିକ୍ଷା ଏବଂ ଛୋଟ ବ୍ୟବସାୟଗୁଡ଼ିକୁ ବିଶ୍ୱ ବଜାରରେ ସେମାନଙ୍କର ସାମଗ୍ରୀ ବିକ୍ରୟ କରିବାର ସୁଯୋଗରୁ ବଞ୍ଚିତ କରୁଛି। ଷ୍ଟାରଲିଙ୍କ ସେମାନଙ୍କ ଜୀବନକୁ ଉନ୍ନତ କରିପାରିବ।

## ଆମେରିକାର ପେନସିଲଭାନିଆରେ ଗୁଳିକାଣ୍ଡ: ୯ ମୃତ

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):**ଆମେରିକାରେ ପୁଣି ଏକ ଭୟଙ୍କର ଗୁଳିକାଣ୍ଡ ଘଟଣା ସାମ୍ନାକୁ ଆସିଛି। ପେନସିଲଭାନିଆର ଏରି ସହରରେ ଜଣେ ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିମାଡ଼ରେ ୨ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ମିଳିଛି। ମୃତକଙ୍କ ମଧ୍ୟରେ ଗୁଳିଚାଳନା କରିଥିବା ସନ୍ଦିଗ୍ଧ ଆକ୍ରମଣକାରୀ ମଧ୍ୟ ରହିଛନ୍ତି। ଏହି ଘଟଣା ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଥିବା ବେଳେ ଆମେରିକାର ବନ୍ଧୁକ ସଂସ୍କୃତିକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ଶୁକ୍ରବାର ଅପରାହ୍ଣ ପ୍ରାୟ ୫ଟା ସମୟରେ ଏରି ସହରର ପେରି ଷ୍ଟ୍ରିଟ୍‌ରେ ଏହି ଗୁଳିକାଣ୍ଡ ଘଟିଥିଲା। ଜଣେ ବ୍ୟକ୍ତି ଘର ବାହାରେ ବନ୍ଧୁକରୁ ଗୁଳିଚାଳନା କରିବା ପରେ ଘର ଭିତରକୁ ପଶିଯାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ରାସ୍ତାରେ ଦୁଇଜଣ ମହିଳାଙ୍କ ମୃତଦେହ ପଡ଼ିଥିଲା। ଏହାପରେ ପୁଲିସ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାବନ୍ଦୀ କରିଥିଲା।ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସ୍ୱାଟ୍ ଟିମ୍‌କୁ ମୁତୟନ କରାଯାଇଥିଲା। ଘର ଭିତରେ ଲୁଚି ରହିଥିବା ଆକ୍ରମଣକାରୀଙ୍କୁ ଆତ୍ମସମର୍ପଣ କରିବା ପାଇଁ ପୁଲିସ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହି ସମୟରେ ଘର ଭିତରୁ ଏକାଧିକ ଗୁଳି ଫୁଟିବାର ଶବ୍ଦ ଶୁଣିବାକୁ ମିଳିଥିଲା। ପରେ ପୁଲିସ ଘର ଭିତରେ ପ୍ରବେଶ କରିବାରୁ ଦୁଇ ଶିଶୁଙ୍କ ସମେତ ଅନ୍ୟ ମୃତକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସନ୍ଦିଗ୍ଧ ଆକ୍ରମଣକାରୀ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ଏରି ପୁଲିସ ମୁଖ୍ୟ ରିକ୍ ଲୋରାହ ଏହି ଘଟଣାକୁ ଅତ୍ୟନ୍ତ ହୃଦୟବିଦାରକ ବୋଲି କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ପୁଲିସ ଅଧିକାରୀମାନେ ସାମ୍ନା କରିଥିବା ସବୁଠାରୁ ଭୟାନକ ଘଟଣା ମଧ୍ୟରୁ ଏହା ଅନ୍ୟତମ। ତେବେ ଗୁଳିକାଣ୍ଡ ପଛର ପ୍ରକୃତ କାରଣ, ମୃତକଙ୍କ ପରିଚୟ ଏବଂ ଆକ୍ରମଣକାରୀଙ୍କ ସହ ସେମାନଙ୍କ ସମ୍ପର୍କ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ଅନ୍ୟ ଦେଶଙ୍କ ଉପରେ ଶୁଳ୍କ ଲାଗୁ କରୁଥିବା ଆମେରିକା ନିଜେ ରୁଷରୁ ଡିଜେଲ କିଣିବ

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):**ରୁଷ ସହ କାରବାର କରୁଥିବା ଦେଶଙ୍କ ଉପରେ ଶୁଳ୍କ ଲାଗୁ କରୁଥିବା ଆମେରିକା ଏବେ ୟୁଟର୍ଣ୍ଣ ନେଇଛି। ଆମେରିକା ଅନ୍ୟକୁ ନାଲି ଆଖି ଦେଖାଇ ଏବେ ନିଜେ ବାରଣ କରିଥିବା କାମ କରୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକା ଏବଂ ବିଶ୍ୱ ବଜାରକୁ ୩ ଲକ୍ଷ ମେଟ୍ରିକ୍ ଟନ୍ ଇନ୍ଧନ ଯୋଗାଣ କରିବାକୁ ରାଜି ହୋଇଛନ୍ତି। ପୁଟିନଙ୍କ ସହ ସଫଳ ଆଲୋଚନା ପରେ ଟ୍ରମ୍ପ ସୋସିଆଲ ମିଡିଆରେ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି, ଏହି ନିଷ୍ପତ୍ତି ଇରାନ ସହିତ ଉତ୍ତେଜନା ମଧ୍ୟରେ ବର୍ଦ୍ଧିତ ଶକ୍ତି ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରିବ। ତେବେ ପୁଟିନଙ୍କ ସହ ଏହି ଚୁକ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ କ୍ରୋଧିତ କରିଛି। ସେ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଯୁଦ୍ଧରେ ନିବେଶ ବୋଲି କହିଛନ୍ତି। ସେ ଏହି ପଦକ୍ଷେପକୁ ଦୁର୍ବଳ ଏବଂ ଅନ୍ୟାୟ ବୋଲି କହିଛନ୍ତି। ଏହି ନିଷ୍ପତ୍ତି ୟୁକ୍ରେନ ଏବଂ ଅନ୍ୟ ସହଯୋଗୀଙ୍କ ପ୍ରତି ଏକ ବଡ ଅନ୍ୟାୟ। କାରଣ ପେଟ୍ରୋଲିୟମ ଉତ୍ପାଦ ବିକ୍ରୟକୁ ଅନୁମତି ଦେବା ଦ୍ୱାରା ମସ୍କୋକୁ ୟୁକ୍ରେନ ବିରୋଧରେ ଯୁଦ୍ଧ ଜାରି ରଖିବା ପାଇଁ ଅତିରିକ୍ତ ପାଣ୍ଠି ମିଳିବ।ଜେଲେନସ୍କି ସୋସିଆଲ



ମିଡିଆ ଏକ୍ସରେ ଲେଖିଛନ୍ତି, ପୁଟିନଙ୍କୁ ଉପହାର ଦେବା ଦ୍ୱାରା ନା ଶାନ୍ତି ଆସିବ ନା ସଭ୍ୟ ବିଶ୍ୱର ଲାଭ ହେବ। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ସେ କହିଛନ୍ତି, ମୁଁ ଭାବୁଛି ଆମ ଦଳକୁ କେବଳ ବଳିର ଛେଳି ଭାବରେ ବ୍ୟବହାର କରାଯାଉଛି। ଏହା ଠିକ୍ ନୁହେଁ। ଅଂଶୀଦାରମାନେ ପରସ୍ପର ସହିତ ଏପରି ବ୍ୟବହାର କରିବା ଉଚିତ୍ ନୁହେଁ। ଜେଲେନସ୍କି ଏହି ଚୁକ୍ତିନାମାକୁ ଜଣେ ଶକ୍ତିଶାଳୀ ସହଯୋଗୀଙ୍କର ଏକ ଦୁର୍ବଳ ନିଷ୍ପତ୍ତି ବୋଲି କହିଛନ୍ତି।ପୁଟିନଙ୍କ ସହ ଆଲୋଚନା ପରେ, ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ରୁଷ ଆମେରିକା ଏବଂ ବିଶ୍ୱ ବଜାରକୁ ତୁରନ୍ତ ଇନ୍ଧନ ଯୋଗାଇବ। ନଭେମ୍ବରରେ ହେବାକୁଥିବା ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ମାତ୍ର ସପ୍ତାହେ ପୂର୍ବରୁ ରୁଷ ସହିତ ଟ୍ରମ୍ପ ଏଭଳି ଚୁକ୍ତି କରିଛନ୍ତି। ଆମେରିକୀୟ ଭୋଟରମାନେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତିକୁ ନେଇ ଚିନ୍ତିତ ଥିବାରୁ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି ଏହି ନିର୍ବାଚନରେ ପରାଜୟର ଆଶଙ୍କାର ସମ୍ମୁଖୀନ ହେଉଛି। ଟ୍ରମ୍ପ ପୋଷ୍ଟରେ କହିଛନ୍ତି, ମସ୍କୋ ନଭେମ୍ବରରେ ୫ ଲକ୍ଷ ମେଟ୍ରିକ୍ ଟନ୍ ଡିଜେଲ ଏବଂ ଏହା ପରେ ଖୁବ୍ ଶୀଘ୍ର ୧୦ ଲକ୍ଷ ମେଟ୍ରିକ୍ ଟନ୍ ଡିଜେଲ ମଧ୍ୟ ଯୋଗାଇବ। ଆମେରିକାର ଟ୍ରେଜେରୀ ବିଭାଗ ଏପ୍ରିଲ ୨୦୨୭ ପର୍ଯ୍ୟନ୍ତ ବିଶ୍ୱ ବଜାରରେ ରୁଷିଆନ ଡିଜେଲ ପହଞ୍ଚିବା ପାଇଁ ଏକ ଅସ୍ଥାୟୀ ଲାଇସେନ୍ସ ଜାରି କରିଛି।

## ରାହୁଲ ଗାନ୍ଧୀଙ୍କ ଅବସ୍ଥା ଅଙ୍ଗୁର ଭଳି ଖଟା

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):**ବିଜେପି ସାଂସଦ କଙ୍ଗନା ରାଣାୱତଦିଲ୍ଲୀର ଯନ୍ତରମନ୍ତରଠାରେ କକ୍ରୋଚ ଜନତା ପାର୍ଟି (ସିଜେପି)ର ପ୍ରତିବାଦ ଏବଂ ରାଷ୍ଟ୍ରପତିଙ୍କ ସହ ରାହୁଲ ଗାନ୍ଧୀଙ୍କ ସାକ୍ଷାତକୁ ନେଇ କଂଗ୍ରେସ ନେତାଙ୍କୁ ଟାର୍ଗେଟ୍ କରିଛନ୍ତି। କଂଗ୍ରେସର ନିର୍ବାଚନୀ ପରାଜୟ କଥା ଉଠାଇ ସେ କଟାକ୍ଷ କରି କହିଛନ୍ତି, 'ଯେ, ଯାହାବି କୁହନ୍ତୁ ମୁଁ କହିବି ଅଙ୍ଗୁର ଖଟା ଅଟେ। ରାହୁଲ ଗାନ୍ଧୀଙ୍କ ଅବସ୍ଥା 'ଅଙ୍ଗୁର ଖଟା' ଭଳି ହୋଇଛି ଏବଂ ଦେଶ ତାଙ୍କୁ ନେଇ ହସୁଛି। ପ୍ରତିବାଦରେ ସାମିଲ ହୋଇଥିବା ଲୋକମାନେ ଦେଶକୁ ଅଟକାଇବାକୁ ଉଦ୍ୟମ କରୁଛନ୍ତି । ବାରମ୍ବାର ଦେଶ ବନ୍ଦ କରିବାକୁ ଉଦ୍ୟମ ହେଉଥିବାରୁ ଲୋକମାନେ ଅତିଷ୍ଠ ହୋଇପଡ଼ିଛନ୍ତି ।



ଦିଲ୍ଲୀର ଯନ୍ତରମନ୍ତରଠାରେ ସିଜେପିର ପ୍ରତିବାଦକୁ ନେଇ କଙ୍ଗନା ଅଭିଯୋଗ କରିଛନ୍ତି ଯେ ଦେଶବିରୋଧୀ ଓ ଆତଙ୍କବାଦୀ ଶକ୍ତି ସହ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ଭାରତ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ବିଭିନ୍ନ ବାହାନାରେ ଦେଶ ଓ ଏହାର ନାଗରିକଙ୍କୁ ହଇରାଣ କରିବାକୁ ଉଦ୍ୟମ ହେଉଛି ବୋଲି ସେ ଦାବି କରିଛନ୍ତି। ପ୍ରତିବାଦକାରୀଙ୍କୁ ଟାର୍ଗେଟ୍ କରି କଙ୍ଗନା କହିଛନ୍ତି ଯେ ଲୋକମାନେ ସେମାନଙ୍କ ଉପରେ ଅତିଷ୍ଠ ହୋଇପଡ଼ିଛନ୍ତି। ପୁଲିସକୁ ଛାଡ଼ନ୍ତୁ, ଜନସାଧାରଣ ହିଁ ସେମାନଙ୍କୁ ମାଡ଼ ମାରି ଘଉଡ଼ାଇବେ ବୋଲି ସେ ମନ୍ତବ୍ୟ ଦେଇଛନ୍ତି। ଏଭଳି ଲୋକମାନେ ବାରମ୍ବାର ଦେଶ ବନ୍ଦ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି।

### ସୁପ୍ରିମକୋର୍ଟ ସମ୍ମୁଖରୁ ଓକିଲଙ୍କୁ ଅଟକ

## ପ୍ରଧାନ ବିଚାରପତିଙ୍କ ହସ୍ତକ୍ଷେପ ପରେ ଛାଡ଼ିଲା ପୁଲିସ

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):** ଦେଶର ରାଜଧାନୀ ଦିଲ୍ଲୀରେ 'ଚଲୋ ଦିଲ୍ଲୀ' ଆନ୍ଦୋଳନକୁ ନେଇ ଉତ୍ତ?ଜନା ଲାଗି ରହିଥିବା ବେଳେ ସୁପ୍ରିମକୋର୍ଟ ନିକଟରେ ଦେଖିବାକୁ ମିଳିଛି ହାଇଭୋଲଟେଜ୍ ଡ୍ରାମା। ଶନିବାର ସୁପ୍ରିମକୋର୍ଟ ପରିସର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବହୁ ବରିଷ୍ଠ, ଯୁବ ଓ ମହିଳା ଆଇନଜୀବୀଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିବା ପରେ ବିବାଦ ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲା। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ହସ୍ତକ୍ଷେପ ଏବଂ ବାର୍ ଆସୋସିଏସନ୍‌ର ଉଦ୍ୟମ ପରେ ଅଟକ ଆଇନଜୀବୀମାନଙ୍କୁ ମୁକ୍ତ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, କକ୍ରୋଚ୍ ଜନତା ପାର୍ଟି ବା ସିଜେପି ପକ୍ଷରୁ ଯନ୍ତରମନ୍ତରରେ ଆୟୋଜିତ ବିକ୍ଷୋଭକୁ ଦୃଷ୍ଟିରେ ରଖି ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ସମୟରେ ସୁପ୍ରିମକୋର୍ଟ ନିକଟରେ ପ୍ରତିବାଦ କରୁଥିବା ଆଇନଜୀବୀମାନଙ୍କୁ ପୁଲିସ ଉଠାଇ ନେଇଥିଲା। ଏପରିକି କେତେକ ଆଇନଜୀବୀଙ୍କୁ ସେମାନଙ୍କ ଚାମ୍ବରରୁ ଅଟକ ରଖାଯାଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଥିଲା।ଘଟଣା ପରେ ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍ ସଭାପତି ପ୍ରଦୀପ ରାୟ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିବା ସହ ତୁରନ୍ତ ଆଇନଜୀବୀଙ୍କୁ ମୁକ୍ତ କରିବାକୁ ଦାବି କରିଥିଲେ। ସେ ନୂଆଦିଲ୍ଲୀ ଡିସିପିଙ୍କ ସହ ଆଲୋଚନା କରିବା ପରେ ଅଟକ ଆଇନଜୀବୀଙ୍କୁ ଛାଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## ଫ୍ଲାଏଦୁବାଇ ବିମାନରେ ଭାରତୀୟ ପାଇଲଟ୍‌ଙ୍କୁ ଆକ୍ରମଣ ଘଟଣାର ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି):** ଦୁବାଇରୁ ଇସ୍ରାଏଲର ତେଲ୍ ଅଭିଭ୍ ଯାଉଥିବା ଫ୍ଲାଏଦୁବାଇ ବିମାନରେ ଭାରତୀୟ ପାଇଲଟ କ୍ୟାପ୍‌ଟେନ୍ ସ୍ମିତ ମାଚ୍ଛରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ତଦନ୍ତ କରିବ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ସରକାର ତଦନ୍ତ ଦାୟିତ୍ୱ ଏନ୍‌ଆଇଏକୁ ଦେଇଛନ୍ତି। ବିମାନ ଅପହରଣ ନିରୋଧୀ ଆଇନ, ୨୦୧୬ ଓ ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ (ୟୁଏପିଏ) ଅନୁଯାୟୀ ଶୁକ୍ରବାର (ଅକ୍ଟୋବର ୯ ତାରିଖ) ମାମଲା ରୁଜୁ ହୋଇଛି । ସେପ୍ଟେମ୍ବର ୩୦ ତାରିଖରେ ବିମାନଟି ଆକାଶରେ ଉଡୁଥିବା ବେଳେ କକ୍‌ପିଟ୍ ଭିତରେ ସହକାରୀ ପାଇଲଟ୍‌ଙ୍କ ସହ ସ୍ମିତଙ୍କର ସଂଘର୍ଷ ହୋଇଥିଲା। ଅଭିଯୋଗ ଅନୁଯାୟୀ, ସହକାରୀ ପାଇଲଟ୍ ସ୍ମିତଙ୍କୁ କକ୍‌ପିଟ୍‌ରେ ଥିବା କୁରାଢୀରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ବିମାନକୁ ଅପହରଣ କରିବା କିମ୍ବା ଦୁର୍ଘଟଣାଗ୍ରସ୍ତ କରିବା ଉଦ୍ଦେଶ୍ୟରେ ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି।

